بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୪

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 44-45

ବାର୍ଷିକ ଦେୟ : ୬୦୦/-

www.akhbarbadr.in

17-26 ରବିଉସ୍ ସାନି 1445 ହି.କ,2 -9 ନବୁଓ୍ୱତ୍ 1402 ହି.ଶ 2-9 NOV 2023 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

وَلَقَدۡ صَرَّفۡنَا فِیۡ ھٰذَا الۡقُرۡاٰنِ لِلنَّاسِ مِنۡ کُلِّ مَثَلٍ ؕ وَکَانَ الۡاِنۡسَانُ اَکۡثَرَ شَیۡءٍ جَدَلًا

(ଅଲ୍ କହଫ୍-55)

**ଅନୁବାଦ :** ଏବଂ ଆମ୍ଭେ ନିଶ୍ଚୟ ମାନବ ସମାଜ ପାଇଁ ଏହି କୁରଆନରେ ପ୍ରତ୍ୟେକ ଆବଶ୍ୟକ ବିଷୟକୁ ବିଭିନ୍ନ ପ୍ରଣାଳୀରେ ବର୍ଣ୍ଣନା କରିଅଛୁ । ଅଥଚ ମାନବ ସମସ୍ତଙ୍କ ଠାରୁ ଅଧିକ ତର୍କପ୍ରିୟ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନ୍‌ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### ସ୍ୱାମୀର ଧନକୁ ପତ୍ନୀ ତା'ର ବିନା ଅନୁମତିରେ ସନ୍ତାନମାନଙ୍କ ଉପରେ ବ୍ୟୟ କରିବା ।

**(2460)** ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ହିନ୍ଦ୍ ବିନ୍ତ୍ ଉତ୍‌ବା ବିନ୍ ରବିୟାହ୍ ଆସିଲେ, ସେ କହିଲେ: ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବୁ ସୁଫିୟାନ୍ ବହୁତ୍ କୃପଣ ବ୍ୟକ୍ତି ଅଟନ୍ତି । ତେବେ କ'ଣ ମୋତେ କୌଣସି ପାପ ଲାଗିବ ଯେ, ମୁଁ ମୋ ସ୍ୱାମୀଙ୍କ ଧନରୁ ନିଜ ସନ୍ତାନମାନଙ୍କୁ ଆହାର ଖୁଆଇବା ନିମନ୍ତେ ଅର୍ଥ ଖର୍ଚ୍ଚ (ବ୍ୟୟ) କରିଦିଏ ? ରସୁଲୁଲ୍ଲାଃ ସ.ଅ କହିଲେ, ତୁମକୁ କୌଣସି ପାପ ଲାଗିବ ନାହିଁ ଯେ, ତୁମେ ନିଜର ସନ୍ତାନମାନଙ୍କୁ ପ୍ରଥାନୁଯାୟୀ ଆହାର ଖୁଆଇ ଦିଅ ।

### ---(ପଡ଼ୋଶୀର ଅଧିକାର)---

**(2463)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ: "କୌଣସ୍ ପଡ଼ୋଶୀ ନିଜ ପଡ଼ୋଶୀକୁ ନିଜର ପାଚେରୀରେ କାଠ ପୋତିବାକୁ ନ ଅଟକାଉ ।

(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)

☆ ☆ ☆

## ପ୍ରତିଶ୍ରୁତ ମସିହ୍[ଅ.ସ]ଙ୍କ ନିତୀବାଣୀ:-

**ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଲାଗି ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥାଏ, ସେ କଦାପି ଶୂନ୍ୟହସ୍ତ ତଥା ଅଙ୍ଗହୀନ ହୋଇ ରହିବ ନାହିଁ । ବରଂ ଧର୍ମ ତଥା ଈଶ୍ୱରଙ୍କ ସକାଶେ କରାଯାଇଥିବା ଉତ୍ସର୍ଗ ମନୁଷ୍ୟକୁ ବୁଦ୍ଧିମାନ ଓ ହସ୍ତ କୁଶଳୀ ବ୍ୟକ୍ତିରେ ପରିଣତ କରିଦେଇଥାଏ ଏବଂ ଆଳସ୍ୟପରାୟଣତା ଓ ଶିଥିଳତା ତା' ନିକଟକୁ ଆସି ନଥାଏ ।**

**ଆମ ପ୍ରିୟ ମୁନିବ ଆଁହଜରତ ସ.ଅ ସର୍ବଦା ଦାରିଦ୍ର୍ୟତା ଏବଂ ଆଳସ୍ୟପରାୟଣତା ଠାରୁ ପ୍ରଭୁଙ୍କ ଶରଣ ଭିକ୍ଷା କରୁଥିଲେ । ମୁଁ ତୁମମାନଙ୍କୁ ପୁନଶ୍ଚ କହୁଛି ଯେ, ତୁମେମାନେ ଆଳସ୍ୟପରାୟଣ ହୁଅ ନାହିଁ ।**

ଅଲ୍ଲାଃତାଲା ଆମମାନଙ୍କୁ ଦୁଆ କରିବା ନିମନ୍ତେ ଯେଉଁ ଶିକ୍ଷା ପ୍ରଦାନ କରିଛନ୍ତି ଯେ, رَبَّنَاۤ اٰتِنَا فِی الدُّنۡیَا حَسَنَۃً وَّفِی الۡاٰخِرَۃِ حَسَنَۃً وَّقِنَا عَذَابَ النَّارِ (ଅଲ୍ ବକରାହ୍: 202) ଅର୍ଥାତ ହେ ଆମମାନଙ୍କ ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ ଏହି ପୃଥିବୀରେ ସଫଳତା ଓ ପୁଣ୍ୟତା ପ୍ରଦାନ କର ଏବଂ ପରକାଳରେ ମଧ୍ୟ ଉକ୍ତ ପୁଣ୍ୟ ତଥା ସଫଳତାର ପ୍ରତିଫଳ ପ୍ରଦାନ କରି ଆମମାନଙ୍କୁ ନର୍କାଗ୍ନି ଶାସ୍ତିରୁ ରକ୍ଷାକର । ଉପରୋକ୍ତ ଆୟତ୍‌ରେ ସଂସାରକୁ ପ୍ରାଧାନ୍ୟ ଦିଆଯାଇଛି । କିନ୍ତୁ କେଉଁ ସଂସାରକୁ ? حَسَنَۃُ الدُّنۡیَا କୁ ଯାହାକି ଶେଷ ତଥା ପ୍ରଳୟ ଦିବସରେ ପୁଣ୍ୟର କାରଣ ହୋଇଯାଉ । ଉକ୍ତ ଦୁଆର ଶିକ୍ଷାରୁ ସ୍ପଷ୍ଟ ରୂପେ ବୁଝି ହୋଇଯାଏ ଯେ, ବିଶ୍ୱାସକାରୀକୁ ସାଂସାରିକ ପ୍ରାପ୍ତିରେ ପ୍ରଳୟ ଦିବସର ପୁଣ୍ୟକୁ ମଧ୍ୟ ଧ୍ୟାନ ରଖିବା ଉଚିତ୍ ତତ୍‌ସହିତ حَسَنَۃُ الدُّنۡیَا ଶବ୍ଦରେ ସଂସାର ପ୍ରାପ୍ତିର ସେହି ସମସ୍ତ ସର୍ବୋତ୍କୃଷ୍ଟ ମାଧ୍ୟମର ଚର୍ଚ୍ଚା ଆସିଯାଇଛି ଯାହାକୁ ଜଣେ ବିଶ୍ୱାସକାରୀ ମୁସଲମାନ ସଂସାରେ ପ୍ରାପ୍ତି ନିମନ୍ତେ ଅବଲମ୍ବନ କରିବା ଉଚିତ୍ । ସଂସାରକୁ ପ୍ରତ୍ୟେକ ପନ୍ଥାନୁଯାୟୀ ପ୍ରାପ୍ତ କର ଯାହାକୁ ଅବଲମ୍ବନ କରିବା ଫଳରେ ପୁଣ୍ୟ ଓ ବିଶେଷତା ହିଁ ହେବା ଉଚିତ୍ । ନା କି ସେହି ପନ୍ଥା ଯାହା ଅନ୍ୟ କୌଣସି ପ୍ରାଣୀ କିମ୍ବା ମନୁଷ୍ୟର କ୍ଷତି ସାଧନର କାରଣ ସାଜୁ ଓ ନା ହିଁ ସମବର୍ଗଙ୍କ ମଧ୍ୟରେ କୌଣସି ଲଜ୍ଜାର କାରଣ ହେଉ । ନିଃସନ୍ଦେହ ରୁପେ ଏପରି ସଂସାର حَسَنَۃُ الۡاٰخِرَۃِ ର କାରଣ ସାଜିବ ।

ସୁତରାଂ ମନେରଖ ଯେ, ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଲାଗି ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥାଏ, ସେ କଦାପି ଶୂନ୍ୟହସ୍ତ, ଅଙ୍ଗହୀନ ଓ ଅସହାୟ ହୋଇ ରହିବ ନାହିଁ । ବରଂ ଧର୍ମ ତଥା ଈଶ୍ୱରଙ୍କ ସକାଶେ କରାଯାଇଥିବା ଉତ୍ସର୍ଗ ମନୁଷ୍ୟକୁ ବୁଦ୍ଧିମାନ ଓ ହସ୍ତ କୁଶଳୀ ବ୍ୟକ୍ତିରେ ପରିଣତ କରି ଦେଇଥାଏ ଏବଂ ଆଳସ୍ୟପରାୟଣତା ଓ ଶିଥିଳତା ତା' ନିକଟକୁ ଆସି ନଥାଏ । ହଦିସ୍‌ରେ ଅମ୍ମାର ବିନ୍ ଖଜିମା ବର୍ଣ୍ଣନା କରନ୍ତି ଯେ, ହ. ଉମର୍ ର.ଅ ମୋ ପିତାଶ୍ରୀଙ୍କୁ କହିଲେ, ହେ ଖଜିମା ! ତୁମକୁ କେଉଁ କଥା ନିଜ ଜମିରେ ବୃକ୍ଷ ରୋପଣ କରିବାକୁ ବାରଣ କରିଛି ଅର୍ଥାତା ବାଧା ସାଜିଛି ? ମୋ (ହ. ଅମ୍ମାର୍ ର.ଅ) ପିତାଶ୍ରୀ (ଖଜିମା) ପ୍ରତ୍ୟୁତ୍ତରରେ କହିଲେ, ମୁଁ ବୃଦ୍ଧ ହୋଇଯାଇଛି ଆଜି ନୁହେଁ ତ' କାଲି ମୃତ୍ୟୁବରଣ କରିବି । ଅତଃ ହ. ଉମର୍ ର.ଅ ତାଙ୍କୁ କହିଲେ ହେ ଖଜିମା ! ତୁମ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ତୁମେ ମଧ୍ୟ ବୃକ୍ଷ ରୋପଣ କର । ପୁନଶ୍ଚ ମୁଁ ହ. ଉମର୍ ର.ଅଙ୍କୁ ଦେଖିଲି ଯେ, ହ. ଉମର୍ ର.ଅ ସ୍ୱୟଂ ମୋ ପିତାଶ୍ରୀଙ୍କ ସହିତ ମିଶି ଆମ ଜମିରେ ବୃକ୍ଷ ରୋପଣ କରୁଥିଲେ ଓ ଆମର ପ୍ରିୟ ମୁନିବ ନବୀ କରୀମ୍ ସ.ଅ ସର୍ବଦା ଦାରିଦ୍ର୍ୟତା ଓ ଆଳସ୍ୟପରାୟଣତା ଠାରୁ ପ୍ରଭୁଙ୍କ ଶରଣ ଭିକ୍ଷା କରୁଥିଲେ । ମୁଁ ତୁମମାନଙ୍କୁ ପୁନଶ୍ଚ କହୁଛି ଯେ, ତୁମେମାନେ ଆଳସ୍ୟପରାୟଣ ହୁଅ ନାହିଁ । ଅଲ୍ଲାଃତାଲା ସଂସାର ପ୍ରାପ୍ତିରୁ

ତୁମମାନଙ୍କୁ ବାରଣ କରୁ ନାହାନ୍ତି ବରଂ حَسَنَةُ الدُّنْيَا ର ଦୁଆ କରିବା ପାଇଁ ଶିକ୍ଷା ପ୍ରଦାନ କରିଛନ୍ତି । ଅଲ୍ଲାତାଲା ଚାହାନ୍ତି ନାହିଁ ଯେ, ମନୁଷ୍ୟ ଶୂନ୍ୟହସ୍ତ ପାଦ ହୋଇ ବସି ରହୁ । ବରଂ ଅଲ୍ଲାଃତାଲା ସ୍ୱଷ୍ଟ ରୂପେ କହିଲେ, لَيْسَ لِلْاِنْسَانِ اِلَّا مَا سَعٰی **(ଅନ୍ ନଜମ୍:40)** ସୁତରାଂ ବିଶ୍ୱାସକାରୀ ପକ୍ଷେ ଏହା ଉଚିତ୍ କି ସେ ସ୍ୱଉଦ୍ୟମ ଏବଂ ପରିଶ୍ରମକୁ ବିନିଯୋଗ କରୁ । କିନ୍ତୁ ମୋ ଦ୍ୱାରା ସମ୍ଭବ ମୁଁ କେବଳ ଏତିକି ହିଁ କହିବି କି ସଂସାରକୁ ନିଜ ବ୍ୟକ୍ତିଗତ ଜୀବନର ଅଭିପ୍ରାୟ ରୂପେ ବିବେଚିତ କର ନାହିଁ । ବରଂ ଧର୍ମକୁ ପରମ ଅଭିପ୍ରାୟ ବୋଲି ବିବେଚନା କର ଓ ସଂସାର ଏଥିପାଇଁ ସେବକ ଓ ଅଶ୍ୱ ବା ବାହନ ସ୍ୱରୂପ ହେବା ଉଚିତ୍ । ବେଳେବେଳେ ଧନୀକ ବ୍ୟକ୍ତିମାନଙ୍କ ଠାରୁ ଏଭଳି କର୍ମ ସମ୍ପାଦିତ ହୋଇଯାଏ ଯେ, ଅଭାବି ଓ ଦରିଦ୍ରମାନଙ୍କୁ ସୁଯୋଗ ପ୍ରାପ୍ତ ହୋଇ ନଥାଏ । ରସୁଲୁଲ୍ଲାଃ ସ.ଅଙ୍କ ସମୟରେ ଖଲିଫା ଅୱଲ୍ ଯେକି ଦେଶର ସବୁଠୁ ବଡ଼ ବ୍ୟବସାୟୀ ଥିଲେ, ସେ ମୁସଲମାନ ହୋଇ ଅଦୃଷ୍ଟାନ୍ତନୀୟ ଭାବରେ ଅଭାବି ତଥା ଦରିଦ୍ର ଲୋକମାନଙ୍କୁ ସାହାଯ୍ୟ କଲେ ଏବଂ ଆପଣ ର.ଅଙ୍କୁ ଏହି ମର୍ଯ୍ୟାଦା ପ୍ରାପ୍ତ ହେଲା ଯେ, ଆପଣ ର.ଅ ସିଦ୍ଦିକ୍ (ସତ୍ୟବାଦୀ) ବୋଲି ବିବେଚିତ ହେଲେ ଏବଂ ଆଁହଜରତ ସ.ଅଙ୍କର ପ୍ରଥମ ବନ୍ଧୁ ଓ ଇସଲାମ୍ ଧର୍ମର ପ୍ରଥମ ଖଲିଫା ହେଲେ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-494, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆ ☆

## ସ୍ୱର୍ଣ୍ଣ କଙ୍କଣ ପିନ୍ଧାଇବାର କ'ଣ ଯଥାର୍ଥ ରହିଛି ?

* ଯଦି ତହିଁରୁ ସଂସାର ଯଥାର୍ଥ ତେବେ ତହିଁରୁ ଏହି ଅର୍ଥ ନିଆଯିବ ଯେ, ମୁସଲମାନମାନଙ୍କୁ ଶାସକତ୍ୱ ପ୍ରାପ୍ତ ହେବ ।

* ଯଦି ତହିଁରୁ ପରବର୍ତ୍ତୀ ସଂସାର ଯଥାର୍ଥ ତେବେ ସେଠାରେ ସ୍ୱର୍ଣ୍ଣ କଙ୍କଣରୁ ବସ୍ତୁବାଦୀ ସ୍ୱର୍ଣ୍ଣ କଙ୍କଣ ହୋଇପାରିବ ନାହିଁ । ବରଂ ତହିଁରୁ ଯଥାର୍ଥ ଏକ ବିଶେଷ ପ୍ରକାରର ମର୍ଯ୍ୟାଦା ନିଆଯିବ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ ଅଲ୍ କହଫ୍‌ର -32 ନଂ ଆୟତ୍‌ର ବ୍ୟାଖ୍ୟା କରି କହୁନ୍ତି: ଉକ୍ତ ଆୟତ୍ ଉପରୋକ୍ତ ଆୟତ୍‌ର ଅର୍ଥକୁ ଆହୁରି ସ୍ୱଷ୍ଟ କରି ଦେଇଛି । ଉକ୍ତ ଆୟତ୍‌ର ସମ୍ବୋଧକ ରସୁଲୁଲ୍ଲାଃ ସ.ଅ ନୁହନ୍ତି ବରଂ ପବିତ୍ର କୁରଆନ୍ କରୀମ୍‌ର ସେହି ପଠକାରୀ ଅଟନ୍ତି ଯେଉଁମାନଙ୍କୁ ଏହି କାଳକୁ ଦେଖିବାର ଅବସର ମିଳିବ । ରସୁଲୁଲ୍ଲାଃ ସ.ଅ ତ' ସ୍ୱୟଂ ନମାଜ ପାଠ କରୁଥିଲେ ତାଙ୍କୁ (ଆପଣ ସ.ଅଙ୍କୁ) କିପରି କୁହାଯାଇପାରି ଥାଆନ୍ତା ଯିଏ ସକାଳ ସନ୍ଧ୍ୟା ପଢୁଛନ୍ତି ? ତେଣୁ ତୁମ୍ଭେ ସେମାନଙ୍କ (ସାହାବାମାନଙ୍କ) ସହିତ ରୁହ । اُولٰٓئِكَ لَهُمْ جَنّٰتُ عَدْنٍ تَجْرِیْ مِنْ تَحْتِهِمُ الْاَنْهٰرُ یُحَلَّوْنَ فِیْهَا مِنْ اَسَاوِرَ مِنْ ذَهَبٍ وَّ یَلْبَسُوْنَ ثِیَابًا خُضْرًا مِّنْ سُنْدُسٍ وَّ اِسْتَبْرَقٍ مُّتَّكِـِٕیْنَ فِیْهَا عَلَى الْاَرَآئِكِ نِعْمَ الثَّوَابُ وَ حَسُنَتْ مُرْتَفَقًا **(ସୁରତୁଲ୍ କହଫ୍: 32)** ଅନୁବାଦ: ହଁ ସେମାନଙ୍କ ପାଇଁ ହିଁ ବାସୋପଯୋଗୀ ଚିରସ୍ଥାୟୀ ସ୍ୱର୍ଗୋଦ୍ୟାନମାନ ନିୟତ ରହିଛି ଯାହାର ନିମ୍ନ ଦେଶରେ ଝରଣାମାନ ପ୍ରବାହିତ ହେଉଥିବ । ସେମାନଙ୍କ ପାଇଁ ତନ୍ମଧ୍ୟରୁ ସ୍ୱର୍ଣ୍ଣ କଙ୍କଣ ସଦୃଶ ଅଳଙ୍କାର ତିଆରି କରାଯିବ ଓ ସେମାନେ ସୂକ୍ଷ୍ମ ଓ କାରୁକାର୍ଯ୍ୟ ଖଚିତ ଓଜନିଆ ରେଶମ ବସ୍ତ୍ର ପରିଧାନ କରିବେ । ସେମାନେ ସେଠାରେ ସଜ୍ଜିତ ପଲଙ୍କ ଉପରେ ତକିଆ ଦେଇ ବସିଥିବେ ଏବଂ ଏହା କିପରି ଉତ୍ତମ ପୁରସ୍କାର ଏବଂ ଏହା କିପରି ଉତ୍କୃଷ୍ଟ ଆଶ୍ରୟସ୍ଥଳୀ ଅଟେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉପରୋକ୍ତ ଆୟତ୍‌ର ବ୍ୟାଖ୍ୟା କରି କୁହନ୍ତି: ବିରୋଧୀ ଧର୍ମାବଲମ୍ବୀମାନେ ସ୍ୱର୍ଣ୍ଣ କଙ୍କଣ ଉପରେ ଆପତ୍ତି କରନ୍ତି ଯେ, ପୁରୁଷ ପାଇଁ ସ୍ୱର୍ଣ୍ଣ ଅଳଂକାର ପରିଧାନ କରିବା ଅବୈଧ ଓ ବର୍ଜନୀୟ ଅଟେ । ତେବେ ଏହାର ଉତ୍ତର ଏହିକିଯେ, ଯଦି ତହିଁରୁ ସଂସାର ଯଥାର୍ଥ ହୋଇଥାଆନ୍ତା ତେବେ ଏହାର ଯଥାର୍ଥ ଏହା ହେବ ଯେ, ସେମାନଙ୍କୁ ଶାସକତ୍ୱ ଓ ସମ୍ରାଟତ୍ୱ ପ୍ରାପ୍ତ ହେବ । ସ୍ୱର୍ଣ୍ଣ ଅଳଂକାର ପରିଧାନ କରିବାର ଅର୍ଥ ଶାସକତ୍ୱ ଅଟେ । ପ୍ରାଚୀନ କାଳରେ ସମ୍ରାଟମାନେ ସ୍ୱର୍ଣ୍ଣ କଙ୍କଣ ପରିଧାନ କରୁଥିଲେ । ସୁତରାଂ ଏଠାରେ ଏହା କୁହାଯାଇଛି ଯେ, ମୁସଲମାନମାନଙ୍କୁ ସମ୍ରାଟ କରାଯିବ । ଯଦି ତହିଁରୁ ଯଥାର୍ଥ ପରବର୍ତ୍ତୀ ସଂସାର ହୋଇଥାଆନ୍ତା ତେବେ ସେହି ସଂସାରର ପ୍ରତ୍ୟେକ ବସ୍ତୁ ଆଧାତ୍ମିକ ଅଟେ । ସେଠାରେ ସ୍ୱର୍ଣ୍ଣ କଙ୍କଣରୁ ବସ୍ତୁବାଦି ସ୍ୱର୍ଣ୍ଣ କଙ୍କଣ ଯଥାର୍ଥ ହୋଇପାରିବ ନାହିଁ । ବରଂ ବିଶେଷ ପ୍ରକାରର ସମ୍ମାନ ବା ମର୍ଯ୍ୟାଦା ବୋଲି ମନେକରାଯିବ ।

مِّنْ سُنْدُسٍ وَّ اِسْتَبْرَقٍ ଅର୍ଥାତ ରେଶମ ବସ୍ତ୍ର ପରିଧାନ କରିବା ଫଳରେ ଆରାମ ଓ ଶାନ୍ତି ଅନୁଭବ ହୋଇଥାଏ । ଠିକ୍ ସେହିପରି ସେଠାରେ ଅର୍ଥାତ ବୈକୁଣ୍ଠ ପୁରରେ ଏପରି ବସ୍ତ୍ର ମିଳିବ ଯେଉଁ ବସ୍ତ୍ରରୁ ସୁଖ ଓ ଶାନ୍ତି ଅନୁଭୂତ ହେବ । ଉପରୋକ୍ତ ଆୟତ୍‌ର ଏହି ଅର୍ଥ ମଧ୍ୟ ହୋଇପାରେ ଯେ, ଏହି ବସ୍ତୁଗୁଡ଼ିକ ଯେଉଁମାନଙ୍କ ସକାଶେ ପ୍ରଯୁଜ୍ୟ ହେବ ସେହିମାନଙ୍କୁ ହିଁ ପିନ୍ଧାଇ ଦିଆଯିବ । ଯେପରି ଆଁହଜରତ ସ.ଅ ହ. ଉମର୍ ର.ଅଙ୍କୁ ଏକ ରେଶମ ବସ୍ତ୍ର ପ୍ରଦାନ କଲେ ତେବେ ସେ (ହ. ଉମର୍ ର.ଅ) କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ ଏହି ବସ୍ତ୍ର କାହିଁକି ଦେଲେ ? ପୁରୁଷମାନଙ୍କେ ନିମନ୍ତେ ତ' ରେଶମ ବସ୍ତ୍ର ପିନ୍ଧିବା ଅବୈଧ ଅଟେ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ହେ ଉମର୍ ! ତୁମେ ଏହି ବସ୍ତ୍ର ନିଜର ପତ୍ନୀକୁ ପିନ୍ଧାଇ ପାରିବ ।

نِعْمَ الثَّوَابُ وَ حَسُنَتْ مُرْتَفَقًا ଅର୍ଥାତ ପବିତ୍ର କୁରଆନ୍ କରୀମ୍ ଉପରେ ପ୍ରକୃତ ରୂପେ ବିଶ୍ୱାସ ଆଣିଥିବା ବ୍ୟକ୍ତିମାନଙ୍କୁ ଯେଉଁ ପୁରସ୍କାର ପ୍ରାପ୍ତ ହେବ ତାହା ବିନାଶମୁଖୀ ନକରାଇ ଦେଉ । ବରଂ ଏହି ପୁରସ୍କାର ଫଳରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସୃଷ୍ଟି ହେବ ଏବଂ حَسُنَتْ مُرْتَفَقًا ରେ ଏହା କୁହାଯାଇଛି ଯେ, ପବିତ୍ର କୁରଆନୀୟ ଶିକ୍ଷା ଉପରେ ପରିଚାଳିତ ହେବା ଫଳରେ ଯେଉଁ ବନ୍ଧୁତ୍ୱ ସ୍ଥାପନ ହେବ ତାହା ନିଷ୍ଠାଧାରିତ ହେବ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ସେମାନଙ୍କ ପଛରେ ଗୁପ୍ତ ତଥା ନିହିତ ନଥିବ । ସେହି ବନ୍ଧୁତ୍ୱ ଫଳରେ କଳହ ହେବ ନାହିଁ ବରଂ ଶାନ୍ତି ହିଁ ପ୍ରାପ୍ତ ହେବ ।

**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-4, ପୃ-443, ପ୍ରକାଶନ ବର୍ଷ 2010 ମସିହା, କାଦିଆନ୍)**

☆ ☆ ☆

## ଗତ 43 ତମ ଶୁମାରା (ସଂଖ୍ୟା)ରେ ପୃ 11-12 ପ୍ରକାଶିତ ଖୁତ୍‌ବା ଜୁମା ତା- 10 MARCH 2023 ର ଅବଶିଷ୍ଟାଂଶ..........

## ଖୁତବା ଜୁମା 10 -03-2023

ଯେଉଁମାନେ ମାନ୍ୟକାରୀ ଅଟନ୍ତି କିମ୍ବା ଯେଉଁମାନେ ଅମାନ୍ୟକାରୀ ଅଟନ୍ତି ସେମାନେ ମଧ୍ୟ ନାନା ବ୍ୟକ୍ତିଙ୍କର ଭ୍ରମାତ୍ମକ ବ୍ୟାଖ୍ୟା ହେତୁ ବିପଥଗାମୀ ହୋଇଛନ୍ତି । ତେଣୁ ଉପରୋକ୍ତ ପ୍ରସଙ୍ଗ ଉପରେ ଧ୍ୟାନପୂର୍ବକ ବିଚାର କରିବା ଉଚିତ୍ । କାରଣ ଏହାକୁ ଧର୍ମ ବିଧାନର ନିୟମ ଓ ପ୍ରକୃତିର ନିୟମାଧୀନ ତଥା ଅବତାରମାନଙ୍କର ଚମତ୍କାର ଅନୁଯାୟୀ ରଖ । କାରଣ ଅବତାରମାନଙ୍କ ଠାରୁ ଅଧିକ ଚମତ୍କାର ଅନ୍ୟ କୌଣସି ବ୍ୟକ୍ତି ପ୍ରଦର୍ଶନ କରିପାରିବ ନାହିଁ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପବିତ୍ର କୁରଆନ୍ ପ୍ରକୃତ ଈଶ୍ୱରଙ୍କୁ ଉପସ୍ଥାପିତ କରିଥାଏ । ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ ଧନ୍ୟବାଦ ଯେ, ପବିତ୍ର କୁରଆନ୍ ଆମମାନଙ୍କୁ ଏଭଳି ଈଶ୍ୱରଙ୍କ ସଂପର୍କରେ ଶିକ୍ଷା ପ୍ରଦାନ କରି ନାହିଁ ଯେକି ଦୁର୍ବଳ ଓ ଶକ୍ତିହୀନ ହୋଇଥିବେ । ସେହିପରି ସେ ଆତ୍ମାମାନଙ୍କର ପ୍ରଭୁ ନୁହନ୍ତି, ପବିତ୍ର କୁରଆନ୍ ଏହି ଶିକ୍ଷା ପ୍ରଦାନକରି ନାହିଁ ଯେ, ଅଲ୍ଲାଃତାଲା କୌଣସି ବ୍ୟକ୍ତିକୁ ମୋକ୍ଷ ପ୍ରଦାନ କରିପାରିବେ ନାହିଁ ଓ ନା କୌଣସି ବ୍ୟକ୍ତିର କ୍ଷମା ଯାଚନା ଗ୍ରହଣୀୟ ହୋଇପାରିବ । ବରଂ ଆମେମାନେ ପବିତ୍ର କୁରଆନ୍ ଅନୁଯାୟୀ ସେହି ପରମେଶ୍ୱରଙ୍କ ଭକ୍ତ ଅଟୁ ଯେକି ଆମମାନଙ୍କର ସୃଷ୍ଟିକର୍ତ୍ତା ଓ ଆମର, ଅଧିପତି ତଥା ପାଳନକର୍ତ୍ତା ତଥା ପୋଷଣକର୍ତ୍ତା ଅଟନ୍ତି । ସେ ଅଶେଷ, ଦୟାବାନ ଓ ସଦା କରୁଣାମୟ । **(ଅବଶିଷ୍ଟାଂଶ.......ପୃ-3ରେ)**

## ପୃ -2 ର ଅବଶିଷ୍ଟାଂଶ ଖୁତବା...........

ବିଚାର ଦିବସର ପ୍ରଭୁ ଅଟନ୍ତି । ବିଶ୍ୱାସକାରୀଙ୍କ ସକାଶେ ଏହା କୃତଜ୍ଞତାମୂଳକ ପ୍ରସଙ୍ଗ ଅଟେ । କାରଣ ସେ (ଅର୍ଥାତ ପ୍ରଭୁ) ଆମମାନଙ୍କୁ ଏପରି ପୁସ୍ତକ ପ୍ରଦାନ କଲେ ଯାହାକି ତାହାଙ୍କ ବିଶେଷ ସୁଗୁଣାବଳୀକୁ ସଠିକ୍ ରୂପେ ପରିପ୍ରକାଶିତ କରିଥାଏ। ଏହା ପ୍ରଭୁଙ୍କର ମହତ୍ ଅବଦାନ ଓ ମହତ୍ ପୁରସ୍କାର ଅଟେ । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍" **(ମଲ୍‌ଫୁଜାତ୍, ଭାଗ-10, ପୃ-98, ପ୍ରକାଶନ ବର୍ଷ-1984 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କର ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ବର୍ଣ୍ଣନା ହେବ । ଅଲ୍ଲାଃତାଲା ଆମମାନଙ୍କୁ ଉପରୋକ୍ତ କଥାଗୁଡ଼ିକୁ ହୃଦୟଙ୍ଗମ କରିବା ସହିତ ଏହା ଉପରେ କାର୍ଯ୍ୟାନୁସରଣ କରିବା ତଥା ପବିତ୍ର କୁରଆନ୍‌କୁ ସଠିକ୍ ଭାବରେ ପାଠ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ବାଂଲାଦେଶର ବୀରଗତି ପ୍ରାପ୍ତ କରିଥିବା ମୃତକଙ୍କର ଚର୍ଚ୍ଚା କରିବି ଏବଂ ଏହାପରେ ମୁଁ ତାଙ୍କର ନମାଜ ଯନାଜାଃ ମଧ୍ୟ ପଢେଇବି। ଯେପରିକି ସୂତ୍ରରୁ ଜଣା ପଡ଼ିଛି ଯେ, ବାଂଲାଦେଶରେ ବିଗତ ଦିନ ଆମ ଜମାଅତ୍ ଅହେମଦିୟାର ଜଲ୍‌ସା ହେଉଥିଲା ଏବଂ ଜଲ୍‌ସା ସାଲାନା ବିପକ୍ଷରେ ଡାକରା ଦେଇଥିବା ମୁଲ୍ଲା ଆତଙ୍କବାଦୀମାନଙ୍କର ମିଳିତ ଆକ୍ରମଣର ଚର୍ଚ୍ଚା କରି ହୁଜୁର ଅନୱର୍ ଅ.ବ କହିଲେ, ଉକ୍ତ ଜଲସା ସାଲାନାଟି ପୋଲିସ୍ ଏବଂ ପ୍ରଶାସନ ଠାରୁ ଅନୁମତି ମିଳିବା ପରେ ଯାଇ ଆୟୋଜିତ ହୋଇଥିଲା । ପ୍ରଶାସନ ଆମ ଜମାଅତ୍‌କୁ କହିଥିଲା କି ଆପଣମାନେ ଜଲସା କରନ୍ତୁ ଆମେ ଆପଣଙ୍କୁ ସୁରକ୍ଷା ଯୋଗାଇ ଦେବୁ ଓ ଆମେ ସବୁ ନିୟନ୍ତ୍ରଣ ବ୍ୟବସ୍ଥା କରିନେବୁ, କିଛି ହେବ ନାହିଁ ଆପଣମାନେ ଭଲରେ ଜଲସା କରନ୍ତୁ । କିନ୍ତୁ ଯେତେବେଳେ ଆବାହକ ମୁଲ୍ଲାମାନେ ଆକ୍ରମଣ କଲେ ସେତେବେଳେ ପୋଲିସ୍ ମୂକ ଦର୍ଶକ ସାଜି ଛିଡ଼ା ହୋଇ ରହିଥିଲା । ପରେ ଉପରିସ୍ଥ ଅଧିକାରୀମାନଙ୍କ ନିକଟରୁ ଆଦେଶ ପ୍ରାପ୍ତ ହେବା ପରେ ଯାଇ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। କିନ୍ତୁ ସେତେବେଳକୁ ହିଂସାକାରୀମାନେ ଅନ୍ୟାୟ, ଅତ୍ୟାଚାର ତଥା ବର୍ବରତାର ଚରମ ସୀମା ଲଂଘି ସାରିଥିଲେ । ଫଳତଃ ଉକ୍ତ ଆକ୍ରମଣରେ ଜାହିଦ୍ ହସନ୍ ନାମକ ଆମର ଜଣେ ଅହେମଦି ଭାଇ ସାହେବ ବୀରଗତି ପ୍ରାପ୍ତ କରିଥିଲେ । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସେ ଅବୁ ବକର ସିଦ୍ଦିକ୍ ସାହେବଙ୍କ ଭାଇ ଥିଲେ । ବାଂଲାଦେଶର ଜାତୀୟ ଅମୀର ଅବ୍‌ଦୁଲ୍ ଅୱଲ୍ ସାହେବ କୁହନ୍ତି: ଜାହିଦ୍ ଅହେମଦ୍ ସାହେବ ମାର୍ଚ୍ଚ ମାସ 3 ତାରିଖ ଦିନ୍ ଅହେମଦ ନଗର ପଞ୍ଚୁଗଢ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଜଲସା ସାଲାନା ଅବସରରେ ଗେଟ୍ ଓ ପରିସରର ସୁରକ୍ଷା ଡିୟୁଟି ଦେଉଥିବା ସମୟରେ ବିରୋଧୀମାନଙ୍କ ଆକ୍ରମଣ ଫଳରେ 25 ବର୍ଷ ବୟସରେ ବୀରଗତି ପ୍ରାପ୍ତ କରିଥିଲେ। إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତ ଜାହିଦ୍ ହସନ୍ ସାହେବ 2019 ମସିହାରେ ବୈଅତ୍ କରିଥିଲେ । ବୈଅତ୍ କରିବାର ତିନି ମାସ ମଧ୍ୟରେ ହିଁ ସେ ନିଜର ଓସିୟତ୍ ଆବେଦନ ଫର୍ମ ଜମା କରିଦେଇଥିଲେ । ସ୍ୱର୍ଗତଙ୍କ ବଂଶ ଏହଲେ ହଦିସ୍ ସଂପ୍ରଦାୟଭୁକ୍ତ ଥିଲା। ସ୍ୱର୍ଗତ ଶହୀଦ ଜାହିଦ୍ ଅହେମଦ୍ ସାହେବ ଅହେମଦିୟାତ୍ ସ୍ୱୀକାର କରିବା ପରେ ନିଜର ଅବିଭାବକଙ୍କ ତବ୍‌ଲିଗ୍ (ପ୍ରଚାର) କରିବା ଆରମ୍ଭ କରିଦେଇଥିଲେ । ଫଳତଃ ତାଙ୍କର ମାତାପିତା 2020 ମସିହାରେ ବୈଅତ୍ କରିବାକୁ ସାମର୍ଥ୍ୟ ଲାଭ କରିଥିଲେ ।

ସ୍ୱର୍ଗତ ଜାହିଦ୍ ଅହେମଦ୍ ସାହେବଙ୍କ ଅହେମଦି ହେବା ଘଟଣାବଳୀର ଚର୍ଚ୍ଚା କରି ତାଙ୍କର ସହପାଠୀ ମୁହମ୍ମଦ୍ ରିଫଅତ୍ ହୁସୈନ୍ ସାହେବ ଯେକି ବୋଗ୍ରା ସହରରେ ପୁନ୍ଦ୍ରା (Pundra) ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଥିଲେ । ସ୍ୱର୍ଗତ ଜାହିଦ୍ ହସନ୍ ସାହେବ ଓ ମୁହମ୍ମଦ୍ ରିଫଅତ୍ ହୁସୈନ୍ ସାହେବ ଉଭୟେ ସାଇନ୍‌ସ୍ ଆଣ୍ଡ ଟେକ୍ନୋଲୋଜିରେ ବି.ଏସ୍. ସି ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ସେହି ଅହେମଦି ଛାତ୍ର ଜଣକ ଜାହିଦ୍ ସାହେବଙ୍କୁ ତବଲିଗ୍ କଲେ । ଦୁଇ ବର୍ଷ ତବଲିଗ୍ କରିବା ପରେ ଯେତେବେଳେ ତାଙ୍କ ଆଗରେ ଅହେମଦିୟତ୍‌ର ସତ୍ୟତା ଉଦ୍‌ଘାଟିତ ହେଲା ସେତେବେଳେ ସେ ବୈଅତ୍ କରିଦେଲେ । ଅୱଲ୍ ସାହେବ ଉଲ୍ଲେଖ କରନ୍ତି ଯେ, ଜଲ୍‌ସା ସାଲାନାର ପ୍ରାରମ୍ଭରୁ ହିଁ ଜଲ୍‌ସା ଗାହ୍‌ର ଚତୁଃର୍ପାର୍ଶ୍ୱରୁ ମୁଲ୍ଲା ଲୋକ ନିଜର ଗୋଷ୍ଠୀଙ୍କ ସହିତ ଜଲସା ଗାହ୍‌ର କାନ୍ଥ ଓ ପଶ୍ଚିମ ଭାଗରେ ସ୍ଥିତ ଗେଟ୍ ଉପରେ ଆକ୍ରମଣ କରିବାକୁ ଲାଗିଲେ । ଦୁର୍ବୃତ୍ତ ଆକ୍ରମଣକାରୀମାନେ ଟେକା ପଥର ଫିଙ୍ଗିବା ବ୍ୟତୀତ ଦେଶୀ ଅସ୍ତ୍ରଶସ୍ତ୍ର, କୁରାଢୀ, ଲୁହା ଛଡ଼ ଦ୍ୱାରା ଆକ୍ରମଣ କରୁଥିଲେ। ସେମାନଙ୍କୁ ଯେଉଁଠି ବି ସୁଯୋଗ ମିଳୁଥିଲା ସେମାନେ ନିଆଁ ଲଗାଇ ଦେଉଥିଲେ। ଏଭଳି ଘଡ଼ି ସନ୍ଧି ମୁହୂର୍ତ୍ତରେ ଖୁଦ୍ଦାମ୍‌ମାନେ ଅତ୍ୟନ୍ତ ସାହସିକତାର ସହିତ ନିଜର ଡିୟୁଟି ସମ୍ପାଦନ କଲେ।

ସାମଗ୍ରିକ ରୂପେ କହିବାକୁ ଗଲେ ଯେଉଁମାନଙ୍କର ଡିୟୁଟି ଲାଗିଥିଲା ସେମାନଙ୍କ ବ୍ୟତୀତ ଅନ୍ୟ କାହାରିକୁ ବାହାରକୁ ଯିବାର ସୁଯୋଗ ନଥିଲା । ସମସ୍ତ ଲୋକେ, ଖୁଦ୍ଦାମ୍ ଭିତରେ ଥିଲେ ସେମାନେ ଭିତର ପଟୁ ହିଁ ସୁରକ୍ଷା ଯୋଗାଉଥିଲେ । କୁହାଯାଏ ଯେ, ଜଲ୍‌ସା ଆରମ୍ଭ ହେବାର 40 ମିନିଟ୍ ପରେ ଯେତେବେଳେ ଆକ୍ରମଣକାରୀମାନେ କାନ୍ଥର ଗୋଟିଏ ଭାଗ ଭାଙ୍ଗିବାକୁ ସକ୍ଷମ ହୋଇଗଲେ ସେତେବେଳେ ଖୁଦ୍ଦାମମାନଙ୍କୁ ଯେକୌଣସି ମତେ କାନ୍ଥ ଓ ଜଲସାଗାହ୍ ସୁରକ୍ଷାକୁ ସୁନୁଶ୍ଚିତ କରିବା ନିମନ୍ତେ କୁହାଗଲା। ସେତେବେଳେ ଗେଟ୍ ନଂ 1ରେ ନିୟୋଜିତ ହୋଇଥିବା ଶହୀଦ୍ ଜାହିଦ୍ ହୁସୈନ୍ ସାହେବ ନିଜର ସାଥିମାନଙ୍କ ସହିତ ମିଶି ଗେଟରୁ ବାହାରି ଜଲସା ଗାହ୍‌ର କାନ୍ଥ ଉପରେ ଆକ୍ରମଣକାରୀଙ୍କୁ ହଟାଇବା ପାଇଁ ଅତ୍ୟନ୍ତ କ୍ଷିପ୍ର ବେଗରେ ଓ ସାହସିକତାର ସହିତ ଯାଇ ପହଞ୍ଚିଗଲେ । ଠିକ୍ ସେହି ସମୟରେ ଏଭଳି ଏକ ଅବସର ଆସିଲା ଯେ, ସଂଘର୍ଷ କରୁ କରୁ ଜାହିଦ୍ ସାହେବ ନିଜ ସାଥିମାନଙ୍କ ଠାରୁ ପୃଥକ ହୋଇଗଲେ। ତେଣୁ ସୁଯୋଗ ଦେଖି ଅକ୍ରମଣକାରୀମାନେ ଏକୁଟିଆ ଜାହିଦ୍ ସାହେବଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଧରି ପକାଇଲେ । ଶହୀଦ୍ ଜାହିଦ୍ ସାହେବଙ୍କ ମୁଣ୍ଡ ପଛରେ କୁରାଢୀ କିମ୍ବା ଅନ୍ୟ କୌଣସି ତୀକ୍ଷ୍ଣ ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଦେଲେ ଓ ମୃତକ ଶହୀଦଙ୍କୁ ଘୋଷାରି କିଛି ଦୂର ପର୍ଯ୍ୟନ୍ତ ନେଇ ଯାଇଥିଲେ । ମୃତକ ଜାହିଦ୍ ସାହେବଙ୍କ ମୁଖମଣ୍ଡଳ ଓ ଶରୀରର ଅନ୍ୟ ଭାଗ ଉପରେ ଅତ୍ୟନ୍ତ ନିର୍ମମ, ନିର୍ଦ୍ଦୟ ଓ ନୃଶଂସନୀୟ ଭାବରେ ଆକ୍ରମଣ କରିଥିଲେ । ଫଳତଃ ଶହୀଦ୍‌ଙ୍କ ଶରୀରରୁ ଅଧିକ ରକ୍ତସ୍ରାବ ହୋଇଥିଲା ଏବଂ ଶହୀଦ୍‌ଙ୍କୁ ରକ୍ତାକ୍ତ ବା ଲହୁଲୁହାଣ କରି ନୃଶଂସନୀୟ ଓ ବର୍ବରତାର ପରିଚୟ ପ୍ରଦାନ କରିଥିଲେ ।

ହିଂସାକାରୀମାନେ ଶହୀଦ୍ ସ୍ୱର୍ଗତ ଜାହିଦ୍ ସାହେବଙ୍କୁ ଅତ୍ୟନ୍ତ ନିର୍ମମ ଓ ନୃଶଂସନୀୟ ଭାବରେ ହତ୍ୟା କରିଥିଲେ ଯେ, ତାଙ୍କୁ ଚିହ୍ନିବାକୁ ଦୁଇ ଘଣ୍ଟା ସମୟ ଲାଗି ଯାଇଥିଲା ଓ ବିଳମ୍ବ ଘଟିଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ ଏ ହେଉଛି ମୁସଲମାନମାନଙ୍କର ଅବସ୍ଥା । ସେମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମରେ ଅହିଂସା, ଅନ୍ୟାୟ ଓ ଅତ୍ୟାଚାର କରିବାର ସୀମା ଲଂଘି ଯାଇଛନ୍ତି । ଆଁହଜରତ ସ.ଅ ତ' ଯୁଦ୍ଧରେ ଅବିଶ୍ୱାସକାରୀମାନଙ୍କ ମୁଖ ବିକୃତ କରିବାକୁ ବାରଣ କରିଛନ୍ତି । କିନ୍ତୁ ଏହି ଲୋକମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମ ନେଉଥିବା ଲୋକମାନଙ୍କ ସହିତ ଏଭଳି ବର୍ବର କାଣ୍ଡ ତଥା ଏଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଯଥାଶୀଘ୍ର ଅତ୍ୟାଚାରୀମାନଙ୍କୁ ଧରନ୍ତୁ ଓ ଦଣ୍ଡିତ କରନ୍ତୁ ତଥା ଆମମାନଙ୍କ ଉପରେ ନିଜର କୃପାବତୀର୍ଣ୍ଣ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ଡିୟୁଟି ପରିଚୟ ପତ୍ରକୁ ମଧ୍ୟ ପୃଥକ କରି ଦେଇଥିଲେ । କିନ୍ତୁ ସ୍ୱର୍ଗତ ଜାହିଦ୍ ସାହେବ ଖୁଦ୍ଦାମ୍‌ର ଡିୟୁଟିର ବସ୍ତ୍ର ପରିହିତ (ପିନ୍ଧି) ଥିଲେ । ତେଣୁ କିଛି ନା କିଛି ତାଙ୍କର ଚିହ୍ନଟ ହୋଇେଗଲା । ପୁନଶ୍ଚ ଯେତେବେଳେ ତାଙ୍କର ମର ଶରୀର ପ୍ରାପ୍ତ କରିନିଆଗଲା ସେତେବେଳେ ନମାଜ ଫଜର୍ ପରେ ସ୍ୱର୍ଗତ ମହୋଦୟଙ୍କର ଯନାଜାଃ ପାଠ କରାଯାଇଥିଲା । ସ୍ୱର୍ଗତଙ୍କ ଯନାଜାଃରେ ସମଗ୍ର ଦଶରୁ ଆସିଥିବା ହଜାର ହଜାର ସଂଖ୍ୟକ ଲୋକମାନଙ୍କର ଜନସମାବେଶ ହୋଇଥିଲା ଏବଂ ଲୋକମାନେ ସ୍ୱର୍ଗତଙ୍କ ଯନାଜାଃରେ ସାମିଲ୍ ହୋଇଥିଲେ । ଯନାଜାଃ ସମୟରେ ସମସ୍ତ ଉପସ୍ଥିତ ମଣ୍ଡଳୀଙ୍କ ଉପରେ ଏଭଳି ଅବସ୍ଥାତ ଖେଳିଯାଇଥିଲା ଯାହାର କୌଣସି ଦୃଷ୍ଟାନ୍ତ ନାହିଁ । ସମଗ୍ର ପରିବେଶ ଶୋକାକୁଳ ଓ ଭାବବିହ୍ୱଳ ହୋଇପଡ଼ିଥିଲା। ସମସ୍ତ ଲୋକମାନଙ୍କ କାନ୍ଦ ବୋବାଳିରେ ପରିବେଶ ଫାଟି ପଡୁଥିଲା । ଏହାପର ଆଇନ୍ ଅନୁଯାୟୀ ଶବର ପୋଷ୍ଟମର୍ଟମ ହେଲା ଏବଂ ଦ୍ୱିପ୍ରହର ପରେ ପ୍ରତିନିଧି ମଣ୍ଡଳ ସହିତ ଶହୀଦ୍ ସ୍ୱର୍ଗତଙ୍କ ପାର୍ଥିବ ଶରୀର ତାଙ୍କର ପୈତୃକ ଗ୍ରାମ ଅଭିମୁଖେ ଅନ୍ତିମ ଦର୍ଶନ ପାଇଁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା ଏବଂ ରାତ୍ର 10 ଘଟିକା ସମୟରେ ତାଙ୍କୁ କବର ଦିଆଯାଇଥିଲା ।

ମୃତକ ଶହୀଦ୍‌ଙ୍କ ନିକଟତମ ଘନିଷ୍ଟ ତଥା ନିବିଡ଼ ବନ୍ଧୁ ମୁହମ୍ମଦ୍ ରିଫଅତ୍ ହୁସୈନ୍ ସାହେବ କୁହନ୍ତି: ବିଶ୍ୱବିଦ୍ୟାଳୟରେ ପାଠ ପଢିବା ସମୟରେ ସ୍ୱଗତ ଜାହିଦ୍ ସାହେବଙ୍କ ସହିତ ତାଙ୍କର ଘନିଷ୍ଟ ମିତ୍ରତା ହୋଇଥିଲା । ମୃତକ ଜାହିଦ୍ ସାହେବ ସ୍ୱଭାବିକ ରୂପେ ଅତ୍ୟନ୍ତ ଶିଷ୍ଟ, ସଭ୍ୟ ଓ ସଜ୍ଜନ୍ ବ୍ୟକ୍ତି ଥିଲେ । କିନ୍ତୁ ଉପାସନାରେ ତାଙ୍କ ସ୍ୱଳ୍ପ ଅଭିରୁଚି ରହିଥିଲା । କିନ୍ତୁ ଅହେମଦିୟତ୍ ସ୍ୱୀକାର କରିବା ପରେ ତାଙ୍କର ଘଟ ପରିବର୍ତ୍ତନ ହୋଇଥିଲା ଏବଂ ନିୟମିତ୍ ନମାଜ ପାଠ କରିବାର ଅଭ୍ୟାସ ପଡ଼ିଗଲା। ସ୍ୱର୍ଗତ ଜାହିଦ୍ ସାହେବ ଅତ୍ୟନ୍ତ ଅଧମ, କୋମଳ, ଶାନ୍ତ ସ୍ୱଭାବ ଓ ବିନୀତ ସ୍ୱଭାବର ଯୁବକଟିଏ ଥିଲେ । ପାଞ୍ଚ ବର୍ଷ ବୟସରୁ ମୁଁ ତାଙ୍କୁ ଉଚ୍ଚ ସ୍ୱରରେ କଥାବାର୍ତ୍ତା କରୁଥିବାର ଶୁଣି ନାହିଁ । ସ୍ୱର୍ଗତଙ୍କ ସୌଭାଗ୍ୟ ଏହି କଥାରୁ ଜ୍ଞାତ ହୋଇଥାଏ ଯେ, ବୈଅତ୍ କରିବାର କିଛି ମାସ ପରେ ହିଁ ସ୍ୱର୍ଗତଙ୍କୁ ଓସିୟତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ମୁହମ୍ମଦ୍ ରିଫଅତ୍ ସାହେବ ପୁନଶ୍ଚ କୁହନ୍ତି ଯେ, ସ୍ନେହମୟ ସ୍ୱର୍ଗତ ଶହୀଦ୍ ଜାହିଦ୍ ହୁସୈନ୍ ସାହେବ ଖୁଦ୍ଦାମୁଲ୍ ଅହେମଦିୟାର ଜଣେ ସକ୍ରିୟ ସଦସ୍ୟ ଥିଲେ । ଶାହାଦତ୍ ସମସୟରେ ସ୍ୱର୍ଗତ ଢାକା ଓଭର ବରିସାଲ୍‌ର ଆଞ୍ଚଳିକ ମୁଅତମିଦ୍ ଖୁଦ୍ଦାମୁଲ୍ ଅହେମଦିୟା ଭାବରେ ଦାୟିତ୍ୱ ନିର୍ବାହ କରୁଥିଲେ ସେହିପରି ଢାକାର ମୋତି ଝିଲ୍ ହଲ୍‌କାର ଜଇମ୍ ମଧ୍ୟ ଥିଲେ ।

ସେହି ମଜ୍‌ଲିସ୍‌ର କାଏଦ୍ ଓ ସ୍ଥାନୀୟ ମୁହମତମିମ୍ ସମ୍ମାନନୀୟ ଜହୁରୁଲ୍ ଇସ୍‌ଲାମ୍ ସାହେବ କୁହନ୍ତି ଯେ, ସ୍ୱର୍ଗେତ ଜାହିଦ୍ ସାହେବ ମଜ୍‌ଲିସ୍ କାର୍ଯ୍ୟରେ ଅତ୍ୟନ୍ତ ନିୟମିତ ତଥା ନିଜର ସିନିୟର କର୍ମକର୍ତ୍ତାମାନଙ୍କର ଆଜ୍ଞାକାରୀ ଥିଲେ । ତାଙ୍କ ଉପରେ ନ୍ୟସ୍ତ ହୋଇଥିବା ଡିୟୁଟି ଓ ସେବାକୁ ସେ ପ୍ରସନ୍ନ ଚିତ୍ତର ସହିତ ସମ୍ପାଦନ

କରୁଥିଲେ । ସଲାମ୍ (ନମସ୍କାର) ସର୍ବଦା ଆଗୁଆ କରୁଥିଲେ । ସର୍ବଦା ସ୍ମିତହାସ୍ୟ ପ୍ରକାଶ କରୁଥିଲେ । ଏକ ବର୍ଷ କିମ୍ବା ଅର୍ଦ୍ଧ ବର୍ଷ ଉର୍ଦ୍ଧ୍ୱ ପୂର୍ବେ ସ୍ୱର୍ଗତ ଜାହିଦ୍ ସାହେବ ବି.ଏସ୍.ସି ରେ ଉତ୍ତୀର୍ଣ୍ଣ ହେବା ପରେ ଏକ କମ୍ପାନୀରେ ନିଜ ସର୍ଭିସ ପ୍ରାରମ୍ଭ କରିଥିଲେ ଏବଂ ସର୍ଭିସ୍ ସଂକ୍ରାନ୍ତରେ ଯଦି କେବେ ଢାକାରୁ ଦୂରବର୍ତ୍ତୀ କୌଣସି ସ୍ଥାନକୁ ଯିବାକୁ ପଡୁଥିଲା ତେବେ ସୁଯୋଗ କ୍ରମେ ବା ସୁଯୋଗ ଦେଖି ନିକଟବର୍ତ୍ତୀ ମଜଲିସ୍‌ର ଗସ୍ତ ମଧ୍ୟ କରୁଥିଲେ । ତାଙ୍କର ଫେସ୍‌ବୁକ୍ ଆକାଉଣ୍ଟ୍‌ରେ ବ୍ୟକ୍ତିଗତ ପ୍ରୋଫାଇଲ୍ ସ୍ୱରୂପ ଆୟତ୍ وَمَنْ يَّتَوَكَّلْ عَلَى اللّٰهِ فَهُوَ حَسْبُهٗ **(ଅତ୍ ତଲାକ୍:4)**ର ଅନୁବାଦ ଉଲ୍ଲିଖିତ ହୋଇଛି।

ଶରୀଫ୍ ସାହେବ ନାମକ ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି ମୁଁ ବର୍ତ୍ତମାନ ତେବାଡ଼ିୟା ଜମାଅତ୍‌ରେ ନିଯୁକ୍ତ ହୋଇଥିଲି । ଅପରପକ୍ଷେ ସ୍ୱର୍ଗତ ଜାହିଦ୍ ସାହେବ ନିଜର ବନ୍ଧୁ ରିଫଅତ୍ ହୁସୈନ୍ ସାହେବଙ୍କ ସହିତ ତବ୍‌ଲିଗ୍ ଅଧୀନ ବନ୍ଧୁ ଭାବରେ ଆଗମନ ହେଲା। ମହୋଦୟ ସ୍ୱର୍ଗତ ଜାହିଦ୍ ସାହେବ ଯେତେବେଳେ ବୈଅତ୍ କରିବାର ଇଚ୍ଛା ପ୍ରକାଶ କଲେ ସେତେବେଳେ ମୁଁ ତାଙ୍କୁ କହିଲି ଯେ, ଆପଣ ଅତିରିକ୍ତ ସମୟ ନେଇ ନିଅନ୍ତୁ । ଭଲ ଭାବରେ ସନ୍ଧାନ ଓ ତଦନ୍ତ କରି ନିଅନ୍ତୁ । ମହୋଦୟ କହିଲେ କି ମୁଁ ଯଦିଓ ଜମାଅତ୍‌ର ପ୍ରକୃତ ରୂପେ କାଇଲ୍ ହୋଇ ସାରିଛି ତଥାପି ମୁଁ ଆପଣଙ୍କ କହିବା ଯୋଗୁଁ ପରେ ଆସି ବୈଅତ୍ କରିବି । ସୁତରାଂ ତା'ପରେ ମହୋଦୟ ସ୍ୱର୍ଗତ ଜାହିଦ୍ ସାହେବ ବୈଅତ୍ କରି ନେଇଥିଲେ । ବୈଅତ୍ କରିବା ପରେ ସ୍ୱର୍ଗତ ଜାହିଦ୍ ସାହେବ ଅହେମଦିୟତ୍ ଓ ଖିଲାଫତ୍ ବ୍ୟବସ୍ଥାକୁ ବୁଝିବା ପାଇଁ ପୂର୍ଣ୍ଣ ପ୍ରୟାସ ଆରମ୍ଭ କରିଦେଲେ ଅତ୍ୟନ୍ତ ଗଭୀରତାର ସହିତ ଜ୍ଞାନ ପ୍ରାପ୍ତ କଲେ । ହୁଜୁର ଅନ୍‌ୱର ଅ.ବ କୁହନ୍ତି: ଯେପରିକି ମୁଁ ଚର୍ଚ୍ଚା କରିଛି ଯେ, ଜାହିଦ୍ ସାହେବ ମୋତେ ମଧ୍ୟ ପତ୍ର ଲେଖୁଥିଲେ । ସେ ଜଲ୍‌ସାକୁ ଯିବା ସମୟରେ ନିଜର ଶେଷ ପତ୍ର ମୋତେ ଲେଖିଥିଲେ ଯେ, "ହୁଜୁର ! ଆମେମାନେ ଟ୍ରେନ୍ ଯୋଗେ ଜଲସା ଯାଉଅଛୁ ଏବଂ ଶତ୍ରୁମାନଙ୍କର ଷଡ଼ଯନ୍ତ୍ର ଅତ୍ୟନ୍ତ ଭୟଙ୍କର ଅଟେ । ସେମାନେ ଅଗ୍ନି ମଧ୍ୟ ସଂଯୋଗ କରିଛନ୍ତି । କିନ୍ତୁ ଆମେମାନେ **ଇନ୍‌ଶାଅଲ୍ଲାଃହୁ ତାଆଲା** ଜଲ୍‌ସା କରିବୁ ଓ ନିଜ ବିଶ୍ୱାସର ପରିପ୍ରକାଶ କରିବୁ । ଶହୀଦ୍ ଜାହିଦ୍ ସାହେବେ ଏହା ମଧ୍ୟ ପ୍ରକାଶ କଲେ ଯେ, ମୋର ସଂପର୍କୀୟ ପରିଜନମାନେ ସମସ୍ତେ ଅହେମଦି ହୋଇଯାଆନ୍ତୁ । ସେହି ଗ୍ରାମଟି ସଂପୂର୍ଣ୍ଣ ଅହେମଦି ହୋଇଯାଉ ।" ଏହା ତାଙ୍କର ଶେଷ ପତ୍ର ଓ ଶେଷ ଲେଖା ଥିଲା ।

ଜଣେ ସେବକ ବର୍ଣ୍ଣନା କରନ୍ତି ଯେ, ଶହୀଦ୍ ଏତେ ବିନୀତ ସଦସ୍ୟ ଥିଲେ ଯେ, ତାଙ୍କୁ ଯେତେବେଳେ ବି କୌଣସି କାର୍ଯ୍ୟ କରିବାକୁ ଦିଆଯାଉଥିଲା ସେତେବେଳେ ସେ ସେହି କାର୍ଯ୍ୟ କେବଳ କଲେ ନାହିଁ ବରଂ ଅତ୍ୟନ୍ତ ପ୍ରସନ୍ନ ଚିତ୍ତର ସହକାରେ ସେ ଉକ୍ତ କାର୍ଯ୍ୟକୁ କରୁଥିଲେ । ବେଳେବେଳେ ମୁଁ ତାଙ୍କୁ ଥଟ୍ଟାରେ କହୁଥିଲି କି ଜାହିଦ୍ ଭାଇ! ଆମେ ଯଦି ଏତିକି କାର୍ଯ୍ୟ କଲୁ ତେବେ ଆମେ ସମାପ୍ତ ହୋଇଯିବୁ । ଏକଥା ଶୁଣି ସେ ସର୍ବଦା ସ୍ମିତହାସ୍ୟ ପ୍ରକାଶ କରୁଥିଲେ । ଶହୀଦ୍ ସ୍ୱର୍ଗତ ଜାହିଦ୍ ସାହେବ ଓସିୟତ୍ କରିଥିଲେ । ସେବକ ଜଣକ କହିଲେ, ମୁଁ ଜାହିଦ୍ ସାହେବଙ୍କ ଠାରୁ ଜାଣିବାକୁ ଚାହିଁଲି ଯେ, ସେ ଏତେଶୀଘ୍ର କାହିଁକି ଓସିୟତ୍ କରିବାକୁ ଚାହୁଁଛନ୍ତି ? ତେବେ ପ୍ରତ୍ୟୁତ୍ତରରେ ସେ କହିଲେ, ଇମାମ୍ ମେହ୍‌ଦୀ ସତ୍ୟ ଅଟନ୍ତି । ସେ ଯାହାକିଛି କହିଛନ୍ତି ତାହା ନିରାଟ ସତ୍ୟ ଅଟେ । ହ. ମସିହ୍ ମଉଦ୍ ଅ.ସ ଓସିୟତ୍ କରିବାକୁ ଆଦେଶ ଦେଇଛନ୍ତି ତେଣୁ ମୁଁ ଓସିୟତ୍ କରି ନେଇଛି । ସେବକ ଜଣକ କୁହନ୍ତି ମୁଁ ତାଙ୍କର ଏହି କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହୋଇଗଲି ଯେ, ସେ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ଏତେ ଗଭୀର ବିଶ୍ୱାସ ରଖନ୍ତି । ପୁନଶ୍ଚ କୁହନ୍ତି ଯେ, ଯେତେବେଳେ ସ୍ୱର୍ଗତ ଶହୀଦ୍‌ଙ୍କୁ ତାଙ୍କର ଅହେମଦିୟତ୍ ସ୍ୱୀକାର କରିବାର ମୂଳ କାରଣ ପଚରା ଗଲା ସେତେବେଳେ ସେ କହିଲେ, ଆଜି ପର୍ଯ୍ୟନ୍ତ ଇମାମ୍ ମେହ୍‌ଦୀ କିମ୍ବା ମସିହ୍ ଓ ନବୀର ଦାବି କରୁଥିବା କୌଣସି ବ୍ୟକ୍ତି ନା ସଫଳ ହୋଇଛି ଓ ନା ହିଁ କୌଣସି ଜମାଅତ୍ ସାଫଲ୍ୟମଣ୍ଡିତ ହୋଇଛି । କିନ୍ତୁ କେବଳ ହ. ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଅ.ସ ହିଁ ସେହି ବ୍ୟକ୍ତି ଅଟନ୍ତି ଯିଏ ସାଫଲ୍ୟମଣ୍ଡିତ ହୋଇଛନ୍ତି ଏବଂ ତାଙ୍କର ଦ୍ୱାରା ସ୍ଥାପିତ ଜମାଅତ୍ ହିଁ ସାଫଲ୍ୟ ମଣ୍ଡିତ ହୋଇଛି । ଆପଣ ଅ.ସ ଯଦି ସତ୍ୟବାଦୀ ହୋଇ ନଥାଆନ୍ତେ ତେବେ ଆପଣଙ୍କ ଅବସ୍ଥା ମଧ୍ୟ ମିଥ୍ୟାବାଦୀ ଦାବିକାରୀଙ୍କ ପରି ହୋଇଥାଆନ୍ତ । ସ୍ୱର୍ଗତ ଶହୀଦ୍‌ଙ୍କ ଅଭିଭାବକ ଜୀବିତ ଅଟନ୍ତି । ଦୁହେଁ ଅଲ୍ଲାଃତାଲାଙ୍କ କୃପାରୁ ଅହେମଦି ଅଟନ୍ତି। ଶହୀଦ୍ ଜାହିଦ୍ ସାହେବ ନିଜ ମାତାପିତାଙ୍କର ଏକମାତ୍ର ପୁତ୍ର ସନ୍ତାନ ଥିଲେ ଏବଂ ସେ ଅବିବାହିତ ଥିଲେ । ତାଙ୍କର ଦୁଇଟି ଭଉଣୀ ଅଛନ୍ତି । ଦୁହେଁ ବିବାହିତା ଅଟନ୍ତି । କିନ୍ତୁ ସେମାନେ ଅଣଅହେମଦି ଅଟନ୍ତି ଓ ଜେରେ ତବଲିଗ୍ (ତବଲିଗ୍ ଅଧୀନ) ଅଟନ୍ତି । ଅଲ୍ଲାଃତାଲା ମୃତକ ଶହୀଦ୍ ଜାହିଦ୍ ସାହେବଙ୍କର ମାତାପିତାଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ଯେପରିକି ମୁଁ କହିଲି କି ସ୍ୱର୍ଗତ ଜାହିଦ୍ ସାହେବ ନିଜ ମାତାପିତାଙ୍କର ଏକମାତ୍ର ସନ୍ତାନ ଥିଲେ । ନିଜର ସୁଯୋଗ୍ୟ ବୀର ଶହୀଦ୍ ପୁତ୍ରଙ୍କୁ ହରାଇ ସେ ମର୍ମାହତ ଓ ବ୍ୟଥିତ ହୋଇପଡ଼ିଛନ୍ତି ଦୁଃଖରେ ଭାଙ୍ଗି ପଡ଼ଛନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ହିଁ ଆକସ୍ମିକ ଆଘାତ ସହ୍ୟ କରିବାକୁ ସାମର୍ଥ୍ୟ ଲାଭ ହୋଇଥାଏ । ଅଲ୍ଲାଃତାଲା ଶହୀଦ୍ ସ୍ୱର୍ଗତ ଜାହିଦ୍ ସାହେବଙ୍କର ବୈକୁଣ୍ଠରେ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ଏହି ଶହୀଦ୍ ତ' ସାର୍ବକାଳୀକ ଜୀବନ ଲାଭ କରିନେଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ବିଶେଷ ସଦ୍‌ବ୍ୟବହାର ପ୍ରଦର୍ଶନ କରନ୍ତୁ ଓ ଅଲ୍ଲାଃତାଲା ଯଥାଶୀଘ୍ର ଅତ୍ୟାଚାରୀମାନଙ୍କୁ ଧରନ୍ତୁ ଓ ଦଣ୍ଡିତ କରନ୍ତୁ ତଥା ଆମମାନଙ୍କ ଉପରେ ନିଜର କୃପାବତୀର୍ଣ୍ଣ କରନ୍ତୁ । ଆମିନ୍ । ଶତ୍ରୁପକ୍ଷ ଏହା ଭାବୁଛି ଯେ, ସେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଏହିପରି ପରୀକ୍ଷା କରି ସେମାନଙ୍କ ପ୍ରତି କ୍ରୂରତା ଅବଲମ୍ବନ କରି ସେମାନଙ୍କର ମନୋବଳକୁ ଭାଙ୍ଗି ଦେବ । କିନ୍ତୁ ଏହା ସଂପୂର୍ଣ୍ଣ ରୂପେ ବିପରୀତ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବାଂଲାଦେଶରୁ ମୋ ନିକଟକୁ ଅନେକ ପତ୍ର ଆସିଛି । କେତେକ ଯୁବକମାନେ ମଧ୍ୟ ମୋତେ ପତ୍ର ମାଧ୍ୟମରେ ଜଣାଇଛନ୍ତି ଯେ, ହୁଜୁର ! ଯଦି ଅତିରିକ୍ତ ଶାହାଦତ୍‌ର ଆବଶ୍ୟକତା ରହିଛି ତେବେ ଦୁଆ କରନ୍ତୁ ଯେ, ଆମେମାନେ ମଧ୍ୟ ସେହି ଶୋହଦାଙ୍କ ଗୋଷ୍ଠୀରେ ସାମିଲ୍ ହୋଇଯିବୁ । ସତରାଂ ଏପରି ଲୋକମାନଙ୍କର ଦୁଷ୍ଟ ଶତ୍ରୁ କ'ଣ ବା କ୍ଷତି ଘଟାଇ ପାରିବ ? ସେ ଯାହେ ହେଉ ଆମମାନଙ୍କୁ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ସେମାନଙ୍କ ଉପଦ୍ରବତା ଠାରୁ ସୁରକ୍ଷିତ ରଖନ୍ତୁ ଓ ଆମ ଉପରେ ଦୟା ଓ କୃପାବତୀର୍ଣ୍ଣ କରନ୍ତୁ । ଆଜିକାଲି ଆପଣମାନେ ଦୁଆ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ ।

ଦ୍ୱିତୀୟ ଯନାଜାଃ ଯାହାର ମୁଁ ଚର୍ଚ୍ଚା କରିବି ସେ ହେଉଛନ୍ତି ଉପଦ୍ୱୀପର ସ୍ୱର୍ଗତ କମାଲ୍ ବଦାହ୍ ସାହେବ । ସ୍ୱର୍ଗତ କମାଲ୍ ବଦାହ୍ ସାହେବଙ୍କର ଫେବୃୟାରୀ ମାସ 2 ତାରିଖ ଦିନ ପରଲୋକ ହୋଇଯାଇଛି । اِنَّا لِلّٰهِ وَاِنَّاۤ اِلَيْهِ رٰجِعُوْنَ । ସଦର୍ ଜମାଅତ୍ ଅବ୍‌ଦୁଲ୍ ହଲିମ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ କମାଲ୍ ବଦାହ୍ ସାହେବ ଜଣେ ପ୍ରକୃତ ବିଶ୍ୱାସକାରୀ ବ୍ୟକ୍ତି ଥିଲେ ଓ ନୈଷ୍ଠିକ ଅହେମଦି ଥିଲେ । ସେ ନିଜର ଘରକୁ ଜମାଅତ୍‌ର ଇଜ୍‌ଲାସାତ୍ (ଜଲ୍‌ସାର ବହୁ ବଚନ) ଓ ନମାଜ ତଥା ତବ୍‌ଲିଗି କ୍ରିୟାକଳାପ ନିମନ୍ତେ ସବୁବେଳ ପାଇଁ ଖୋଲା ରଖିଥିଲେ । ସମସ୍ତ ଅହେମଦି ତାଙ୍କର ବିଶ୍ୱାସିକ ଶକ୍ତି, ଅତିଥି ସତ୍କାରକତା ଓ ଖୋଲା ତଥା ପ୍ରଶସ୍ତ ହୃଦୟ ସଂପର୍କରେ ସାକ୍ଷ୍ୟ ପ୍ରଦାନ କରିଥାଆନ୍ତି । ଶୋକ ସନ୍ତପ୍ତ ପରିବାର ବର୍ଗ ମଧ୍ୟରେ ପତ୍ନୀଙ୍କ ବ୍ୟତୀତ ତିନିଜଣ ସନ୍ତାନ ସନ୍ତକ ରୂପେ ଛାଡ଼ି ଯାଇଛନ୍ତି । ତନ୍ମଧ୍ୟରେ ଦୁଇ ଜଣ ପୁତ୍ର ଅଣଅହେମଦି ଅଟନ୍ତି ଓ ଗୋଟିଏ ପୁତ୍ର ଅହେମଦି ଅଟନ୍ତି । ସ୍ୱର୍ଗତଙ୍କ ପତ୍ନୀ ସମ୍ମାନନୀୟା କରୀମା ସାହେବା ସଦର୍ ଲଜ୍‌ନାର ସଂପୂର୍ଣ୍ଣ ସେବା କରିବାକୁ ସୌଭାଗ୍ୟ ଲାଭ ପାଉଅଛନ୍ତି ।

ଅଲ୍‌ଯଜାଏର୍ (ଉପଦ୍ୱୀପ)ରୁ ହସ୍ସାନ୍ ଜମୋଲୀ ସାହେବ କୁହନ୍ତି ଯେ, କମାଲ୍ ବଦାହ୍ ସାହେବ ଅତ୍ୟନ୍ତ ନୈଷ୍ଠିକ ଓ ବହୁତ କାମ କଲାବାଲା ଅହେମଦି ଥିଲେ । ପଡ଼ୋଶୀମାନଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ଓ ଅସୁବିଧା ସତ୍ତ୍ୱେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନିଜର ଘରକୁ ନମାଜ ପାଇଁ ଖୋଲା ରଖିଥିଲେ । ନମାଜ ଜୁମା ପାଇଁ ଆସୁଥିବା ଅତିଥିମାନଙ୍କ ପାଇଁ ବେଳେବେଳେ ସ୍ୱୟଂ ରାନ୍ଧୁଥିଲେ । ଖିଦମତେ ଖଲକ୍(ମାନବସେବା)ର ବିଭିନ୍ନ କାର୍ଯ୍ୟ ଓ ରକ୍ତ ଦାନ କାର୍ଯ୍ୟରେ ସେ ସାମିଲ୍ ହେଉଥିଲେ । ସ୍ୱର୍ଗତଙ୍କ ଘରେ ବିଭିନ୍ନ ଇଜଲାସାତ୍ ମଧ୍ୟ ହେଉଥିଲା ଏବଂ ଇଦର ନମାଜ ମଧ୍ୟ ହେଉଥିଲା । ସରକାରଙ୍କ ନିକଟକୁ ଯାଇଥିବା ପ୍ରତିନିଧିମଣ୍ଡଳରେ ମଧ୍ୟ ସ୍ୱର୍ଗତ କମାଲ୍ ବଦାହ୍ ସାହେବ ସାମିଲ୍ ଥିଲେ । ସ୍ୱର୍ଗତ ବଦାହ୍ ସାହେବ କହୁଥିଲେ ଯେ, ଆଜିକାଲି ଉପଦ୍ୱୀପରେ ଜମାଅତ୍ ପ୍ରତି ଯେଉଁ କ୍ରୂରତା ହେଉଛି ସେଥିଯୋଗୁଁ ଆମେ ଜମାଅତ୍‌ର ଇତିହାସ ଲେଖୁଛେ ଏବଂ ବର୍ତ୍ତମାନ ସ୍ୱର୍ଗତ ସ୍ୱୟଂ ମଧ୍ୟ ଉକ୍ତ ଇତିହାସର ଏକ ଅଂଶ ବିଶେଷ ହୋଇଯାଇଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟା ଡାକ୍ତର ଶମିମ୍ ମଲକ୍ ସାହେବାଙ୍କର । ସ୍ୱର୍ଗତା ଶମିମ୍ ମଲକ୍ ସାହିବା ଲାହୋର୍‌ର ସମ୍ମାନନୀୟ ମକ୍‌ସୁଦ୍ ଅହେମଦ୍ ମଲକ୍

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସାହେବ ଶହୀଦଙ୍କ ପତ୍ନୀ ଥିଲେ । ସମ୍ମାନନୀୟ ମକ୍ସୁଦ୍ ସାହେବ ଶହୀଦ୍ 2010 ମସିହା ଲାହୋର୍ ସ୍ଥିତ ଦାରୁଜ୍ ଜିକର୍ ଦୁର୍ଘଟଣାରେ ବୀରଗତି ପ୍ରାପ୍ତ କରିଥିଲେ । ନିଜ ସ୍ୱାମୀଙ୍କ ଶାହାଦତ୍‌ର କିଛି କାଳ ପରେ ମହୋଦୟା କାନାଡ଼ା ଚାଲିଯାଇଥିଲେ ଓ ସେଠାରେ ହିଁ ସେ ମୃତ୍ୟୁ ବରଣ କରିଥିଲେ । ସ୍ୱର୍ଗତା ଶମିମ୍ ମଲକ୍ ସାହେବା ପି.ଏଚ୍.ଡ଼ି ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ କରିଥିଲେ । ସ୍ୱର୍ଗତା ଶମିମ୍ ସାହେବା କଲେଜରେ ଛାତ୍ର ଛାତ୍ରୀମାନଙ୍କୁ ପାଠ ପଢାଉଥିଲେ । ସେ ଅଧାପିକା ହୋଇ ବିଭାଗୀୟ ମୁଖ୍ୟ ପଦ ପର୍ଯ୍ୟନ୍ତ ଉନ୍ନତି ହୋଇଥିଲେ । କିନ୍ତୁ ତତ୍‌ସହିତ ଘରର କାର୍ଯ୍ୟ ଓ ସନ୍ତାନମାନଙ୍କର ଦାୟିତ୍ୱ ତଥା ସମସ୍ତ ଦାୟିତ୍ୱକୁ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ସୁଗମତାର ନିର୍ବାହ କରିଥିଲେ। ବିନା କୌଣସି ପାତର ଅନ୍ତର କରି ପ୍ରତ୍ୟେକ ଶ୍ରେଣୀର ଲୋକମାନଙ୍କର ପ୍ରଶସ୍ତ ହୃଦୟ ହୋଇ ଅତିଥି ସତ୍କାର କରୁଥିଲେ । ଅଭାବି ଲୋକଙ୍କର ସେବା ଯତ୍ନ ନେଉଥିବା ଜଣେ ଉଚିତ ପରାମର୍ଶଦାତ୍ରୀ ଭାବରେ ଜଣାଶୁଣା ଥିଲେ । ଅଣଅହେମଦି ସଂପ୍ରଦାୟର ସଦସ୍ୟ ଓ ଅଣଅହେମଦି ସଂପର୍କୀୟମାନଙ୍କୁ ସର୍ବଦା ଦାୱତେ ଇଲଲ୍ଲାଃ କରୁଥିଲେ । ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକକୁ ନିଜ ଅଧ୍ୟୟନ ଅଧୀନ ରଖୁଥିଲେ । ତାଙ୍କ ଜୀବନ କାଳରେ ତାଙ୍କ ଉପରେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଏକ ଗବେଷଣା ନିବନ୍ଧ (Thesis) ଲେଖାଯଇଥିଲା । ଜଣେ ବ୍ୟକ୍ତି ସଂପର୍କରେ ଗବେଷଣା ନିବନ୍ଧ (Thesis) ତ' ମୃତ୍ୟୁ ପରେ ଲେଖାଯାଇଥାଏ । କିନ୍ତୁ ତାଙ୍କ ଉପରେର ଗବେଷଣାତ୍ମକ ନିବନ୍ଧ ତାଙ୍କ ଜୀବନରେ ହିଁ ଲେଖାଗଲା । ଶିକ୍ଷା ପ୍ରତି ତାଙ୍କର ଗଭୀର ଆସକ୍ତ ଓ ଗଭୀର ଅଭିରୂଚି ରହିଥିଲା । ସେ ଅନେକ ଲୋକମାନଙ୍କୁ ପବିତ୍ର କୁରଆନ୍ କରୀମ୍ ପଢାଇଥିଲେ । ନମାଜ ନିୟମିତ ପାଠ କରୁଥିଲେ, ରୋଜା ନିୟମିତ ରଖୁଥିଲେ, ତିଲାୱତ୍ କୁରଆନ୍ କରୀମ୍ ନିୟମିତ ରୂପେ ପାଠ କରୁଥିଲେ । ସେହିପରି ସେ ନିୟମିତି ନମାଜ ତେହଜ୍ଜୁଦ୍ ପାଠ କରୁଥିଲେ । ଇସ୍‌ଲାମୀୟ ସଂସ୍କାର ନୀତି ନିୟମକୁ ସେ ପାଳନ କରୁଥିଲେ ଏବଂ ପରଦା କରୁଥିଲେ । ନୈଷ୍ଠିକା, ବିସ୍ୱସ୍ତତା ଏବଂ ଖିଲାଫତ୍ ପ୍ରତି ତାଙ୍କର ଗଭୀର ନିଷ୍ଠା ତଥା ଆନ୍ତରୀକତା ଥିଲା । ସ୍ୱର୍ଗତା ଶମିମ୍ ମଲକ୍ ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗ ମଧ୍ୟରେ ଏକ ପୁତ୍ର ଓ ଚାରିଜଣ କନ୍ୟା ସନ୍ତାନ ଅଛନ୍ତି । ଲାହୋରର ଅମୀର ଜମାଅତ୍ ମଲକ୍ ତାହିର୍ ଅହେମଦି ସାହେବଙ୍କର ସ୍ୱର୍ଗତା ଶମିମ୍ ସାହେବା ଭଉଣୀ ଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଖିଲାଫତ୍ ଓ ଜମାଅତ୍ ସହିତ ସଂଶ୍ଳୀଷ୍ଟ ରଖନ୍ତୁ । ଆମିନ୍ ।

ଚତୁର୍ଥ ଯନାଜାଃ ହେଉଛି ଫରହାଦ୍ ଅହେମଦର । ପ୍ରିୟ ଫରହାଦ୍ ଅହେମଦ୍ ସାହେବ ଜର୍ମାନୀର ଇର୍ଶାଦ୍ ଅହେମଦ୍ ଅମିନୀଙ୍କ ସୁପୁତ୍ର ଥିଲେ । ସ୍ୱର୍ଗତ ଫରହାଦ୍‌ଙ୍କର ବିଗତ ଦିନ 26 ବର୍ଷ ବୟସରେ ପରଲୋକ ହୋଇଯାଇଛି । اِنَّا لِلّٰهِ وَاِنَّا اِلَیْهِ رَاجِعُوْن । ସ୍ନେହ ଓ ଆଦରର ଫରାହାଦ୍ ସାହେବ ଫ୍ରାଙ୍କ୍‌ଫର୍ଟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଥିଲେ । "ୱକ୍‌ଫେ ନୌ"ର କଲ୍ୟାଣମୟ ଆହ୍ୱାନନରେ ସେ ସାମିଲ୍ ଥିଲେ । ମୃତ୍ୟୁ ପୂର୍ବରୁ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟାରେ ସ୍ଥାନୀୟ ତଥା ଆଞ୍ଚଳିକ ସ୍ତରରେ ସେବା କରିବାର ସୌଭାଗ୍ୟ ଲାଭ କରିଥିଲେ । ସ୍ୱର୍ଗତ ଫରହାଦ୍ ସାହେବ ଅତ୍ୟନ୍ତ, ପ୍ରସନ୍ନ ଚିତ୍ତ, ଆଜ୍ଞାକାରୀ ଓ ମେଳାପୀ ସ୍ୱଭାବର ଯୁବକଟିଏ ଥିଲେ । ଜମାଅତ୍ ଓ ଜେଲି ତନ୍‌ଜିମ୍‌ର କାର୍ଯ୍ୟ ସକାଶେ ସର୍ବଦା ତତ୍ପର ଓ ବ୍ୟଗ୍ର ରହୁଥିଲେ । ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ଜମାଅତ୍‌ର କାର୍ଯ୍ୟକ୍ରମରେ ସାରାଦିନ ଓ ଅହୋରାତ୍ରକୁ ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ ସେ ସେବା ସମ୍ପାଦନ କରିଥିଲେ । ପରବର୍ତ୍ତୀ ଦିନ ସେ ମସ୍‌ଜିଦରେ ନମାଜ ଫଜର ପାଠ କଲେ, ନମାଜ ପାଠ କରି ସାରିବା ପରେ ଖୁଦ୍ଦାମୁଲ୍ ଅହେମଦିୟାର ଏକ ମିଟିଂରେ ସାମିଲ ହେଲେ ଓ ମିଟିଂ ଶେଷ ହେବା ପରେ ନିଜ ଘରକୁ ପ୍ରସ୍ଥାନ କରିବାକୁ ଯେତେବେଳେ ବାହାରିଲେ ଏବଂ ନିଜ କାର ନିକଟରେ ଯେତେବେଳେ ସେ ପହଞ୍ଚିଲେ ସେତେବେଳେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆରମ୍ଭ ହେଲା । ମୁବଲ୍ଲିଗ୍ ସାହେବ ତାଙ୍କୁ ନିଜର ମିଶନ ହାଉସର ଝରକାରୁ ଦେଖିଲେ । ମୁବଲ୍ଲିଗ୍ ସାହେବ ସ୍ୱର୍ଗତ ଫରହାଦ୍ ସାହେବଙ୍କୁ ସାହାଯ୍ୟ କରିବାକୁ ଦୌଡ଼ି ଆସିଲେ । ଉକ୍ତ ଅବଧି ମଧ୍ୟରେ ଯଦିଓ ଫରହାଦ୍ ସାହେବ ନିଜ ଗାଡ଼ିରେ ବସି ଯାଇଥିଲେ କିନ୍ତୁ ଏପରି ପ୍ରତିତ ହେଉଥିଲା ଯେପରିକି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ହେବାରେ ଲାଗିଛି । ଡାକ୍ତରମାନେ ତାଙ୍କୁ କହିଲେ ଯେ, ଫରହାଦ୍ ସାହେବଙ୍କୁ ସେତେବେଳେ ବହୁତ କଷ୍ଟ ହୋଇଥିବ ଅର୍ଥାତ୍ ହୃଦ୍‌ଘାତ ହୋଇଥିବ । ତିନି ଚାରି ମିନିଟ୍ ମଧ୍ୟରେ ଆମ୍ବୁଲାନସ୍ ମଧ୍ୟ ଆସିଯାଇଥିଲା । ଆମ୍ବୁଲାନସରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟକର୍ମୀମାନେ ଫରହାଦ୍ ସାହେବଙ୍କର ଉପଚାର ମଧ୍ୟ କରିବାରକୁ ଆରମ୍ଭ କରିଦେଇଥିଲେ । ପ୍ରାୟ 45 ମିନିଟ୍ ପର୍ଯ୍ୟନ୍ତ ସେମାନେ ପ୍ରୟାସ କଲେ । କିନ୍ତୁ ଭାଗ୍ୟରେ ଲେଖନ କେ କରିବ ଆନ । ଫରହାଦ୍ ସାହେବ ନିଜର ପରମ ପରମେଶ୍ୱରଙ୍କୁ ସହିତ ଯାଇ ସାକ୍ଷାତ୍ କଲେ । ଅର୍ଥାତ୍ ଫରହାଦ୍ ସାହେବଙ୍କ ଅକାଳ ବିୟୋଗ ଘଟିଲା ।

ପ୍ରିୟ ଫରହାଦ୍ ଅହେମଦ ସାହେବ ନିଜ ମାତାପିତାଙ୍କର ଏକମାତ୍ର ପୁତ୍ର ସନ୍ତାନ ଥିଲେ। ଅଲ୍ଲାଃତାଲା ମୃତକ ଫର୍‌ହାଦ୍ ଅହେମଦ ସାହେବଙ୍କ ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କ ପ୍ରତି ଦୟା ପ୍ରଦର୍ଶନ କରନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପଞ୍ଚମ ଯନାଜାଃ ହେଉଛି ଚୌଧୁରୀ ଜାୱେଦ୍ ଅହେମଦ ବିସ୍‌ମିଲ୍ ସାହେବଙ୍କର । ମୃତକ ସ୍ୱର୍ଗତ ଜାୱେଦ୍ ସାହେବ ଆଜିକାଲି କାନାଡ଼ା ଠାରେ ରହୁଥିଲେ । ବିଗତ ଦିନ 72 ବର୍ଷ ବୟସରେ ତାଙ୍କର ବିୟୋଗ ଘଟିଛି । اِنَّا لِلّٰهِ وَاِنَّا اِلَیْهِ رَاجِعُوْن । ସ୍ୱର୍ଗତ ଜାୱେଦ୍ ସାହେବ ଦୀର୍ଘ ସମୟ ଧରି ଅସୁସ୍ଥ ଥିଲେ । ତେହ୍‌ରିକେ ଜଦିଦ୍‌ର ଭୂମି ଉପରେ ସ୍ୱର୍ଗତ ଜାୱେଦ୍ ସାହେବଙ୍କୁ ଦୀର୍ଘ 24 ବର୍ଷ ଧରି ମ୍ୟାନେଜର ଭାବରେ ଦାୟିତ୍ୱ ସମ୍ପାଦନ କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ପୁନଶ୍ଚ ଖୁଦ୍ଦାମୁଲ୍ ଅହେମଦିୟା ଓ ଜମାଅତ୍‌ର ଅନ୍ୟାନ୍ୟ ସେବା କରିବାର ସାମର୍ଥ୍ୟ ମଧ୍ୟ ତାଙ୍କୁ ପ୍ରାପ୍ତ ହୋଇଥିଲା । ଉମର୍ କୋଟ୍ ଜିଲ୍ଲାର ଅମୀର୍ ଭାବରେ ମଧ୍ୟ ତାଙ୍କୁ ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନୀ, ଚାରି ଜଣ ପୁତ୍ର ଓ ଦୁଇ ଜଣ କନ୍ୟା ସନ୍ତାନ ରହିଛନ୍ତି ।

ମୃତକ ସ୍ୱର୍ଗତ ଜାୱେଦ୍ ସାହେବଙ୍କ ସୁପୁତ୍ର ତାହିର୍ ସାହେବ କୁହନ୍ତି: "ପିତାଶ୍ରୀ ଅନେକ ସୁଗୁଣାବଳୀର ଅଧିକାରୀ ଥିଲେ, ଧର୍ମ ସେବକ ଥିଲେ, ଲୋକହିତକାରୀ ବ୍ୟକ୍ତି ଥିଲେ, ଖିଲାଫତ୍ ପ୍ରତି ତାଙ୍କର ମନରେ ଗଭୀର ପ୍ରେମ ଥିଲା । ସେ ସର୍ବଦା ଏହି ପ୍ରୟାସ କରୁଥିଲେ ଯେ, ଖିଲାଫତ୍ ସହିତ ତାଙ୍କର ଏକ ବିଶେଷ ସଂପର୍କ ସ୍ଥାପିତ ହେଉ। ଅଭାବି ଦୀନ ଦରିଦ୍ରଙ୍କର ଯତ୍ନ ନେଇଥିଲେ, ଜଣେ ଜମିଦାର ବ୍ୟକ୍ତି ତିଲେ, ସିନ୍ଧ୍‌ରେ ତାଙ୍କର ଜମି ମଧ୍ୟ ଥିଲା । ସେ ଯେତେବେଳେ ବି ସେଠାକୁ ଯାଆନ୍ତି ସେତେବେଳେ ନିଜର ଅଭାବି ଓ ଦରିଦ୍ର ଲୋକମାନଙ୍କ ପାଇଁ ଉପହାର, ବସ୍ତ୍ରାଦି ନେଇ ଯାଉଥିଲେ । ଅତଃ ସ୍ୱର୍ଗତ ସେମାନଙ୍କର ବିବାହ ଅବସରରେ ଉପରୋକ୍ତ ବସ୍ତ୍ର ଓ ଉପହାର କାମ ଦେବ । ତାହିର ସାହେବ କୁହନ୍ତି, ପିତାଶ୍ରୀଙ୍କ ଠାରେ ଅତିଥି ସେବା ବା ଅତିଥି ସତ୍କାର କରିବାର ଅଧିକ ଗୁଣାବଳୀ ବିଦ୍ୟମାନ ରହିଥିଲା । ପ୍ରତ୍ୟେକ ଦିନି ଆମ ଘରକୁ ଅତିଥିମାନଙ୍କର ଆଗମନ ହେଉଥିଲା ଏବଂ ଅତ୍ୟନ୍ତ ସରଳତାର ସହିତ ସେମାନଙ୍କର ଅତିଥି ସେବା ପିତାଶ୍ରୀ କରୁଥିଲେ । ଅଲ୍ଲାଃତାଲା ତାଙ୍କୁ ସାହାସୀ ମଧ୍ୟ କରିଥିଲେ । ଯେତେବେଳେ ବି ବିରୋଧୀମାନଙ୍କ ସହିତ ସେ ମୁହାଁମୁହିଁ ହୋଇଥିଲେ ସେତେବେଳେ ସର୍ବଦା ଜମାଅତୀୟ ସ୍ୱାଭିମାନକୁ ଦୃଷ୍ଟି ସମ୍ମୁଖରେ ରଖୁଥିଲେ । ଅନେକ ନ୍ୟାୟାଳୟ ସମ୍ବନ୍ଧିତ ମାମଲାରେ ଅତ୍ୟନ୍ତ ସାହାସିକତାର ସହିତ ଜମାଅତ୍ ତରଫରୁ ସେ ଲଢିଥିଲେ। ସେହି କାରଣରୁ ବିରୋଧୀମାନେ ତାଙ୍କ ଉପରେ ଦୁଇ ଦୁଇ ଥର ଆକ୍ରମଣ ମଧ୍ୟ କରିଥିଲେ । କିନ୍ତୁ ଅଲ୍ଲାଃତାଲା ସେତେବେଳେ ତାଙ୍କୁ ସେଠାରୁ ଉଦ୍ଧାର କରି ନେଇଥିଲେ । ଅତ୍ୟନ୍ତ ପରିଶ୍ରମୀ, କର୍ମଠ ଓ ସର୍ବଦା ଜମାଅତ୍‌ର ପଇସାକୁ ଅତ୍ୟନ୍ତ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ । ସେ ଅଲ୍ଲାଃତାଲାଙ୍କ ଉପରେ ଭରସା କରୁଥିଲେ । ଅତ୍ୟନ୍ତ ସରଳ ସ୍ୱଭାବର ଅଧିକାରୀ ଥିଲେ ଏବଂ ତାଙ୍କର ସବୁଠୁ ମହତ୍ ଗୁଣାବଳୀ ଏହା ଥିଲା ଯେ, ତାଙ୍କର ଯେଉଁ ରୋଗ ଥିଲା ତାହା ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇଥିଲା । ସେହି ରୋଗାବସ୍ଥାକୁ ସେ ଅତ୍ୟନ୍ତ ଧୈର୍ଯ୍ୟର ସହିତ ସହ୍ୟ କରିଥିଲେ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ସେ ପ୍ରସନ୍ନିତ ହୋଇଯାଇଥିଲେ । ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ତାଙ୍କର ଚିକିତ୍ସା କରୁଥିବା ଡାକ୍ତର କହିଲା ଯେ, ମୁଁ ଏହିଭଳି ଧୈର୍ଯ୍ୟ ପ୍ରଦର୍ଶନକାରୀ ବ୍ୟକ୍ତି ମୋ ଜୀବନରେ କେବେ ଦେଖି ନାହିଁ । ସେ କେବେ କୌଣସି ଅଭିଯୋଗ କରୁ ନଥିଲେ । ଯେତେବେଳେ ତାଙ୍କୁ କୁହାଗଲା ଯେ, ତାଙ୍କର ରୋଗ ଆଉ ଭଲ ହେବ ନାହିଁ ବା ସେ ଆଉ ସୁସ୍ଥ ହୋଇପାରିବେ ନାହିଁ ତେବେ ସେପରିପ୍ରେକ୍ଷୀରେ ସେ କିଛିଟା ଚେତାବସ୍ଥାରେ ଥିଲେ। ସେ କଥାବାର୍ତ୍ତା କରୁ ନଥିଲେ, କେବଳ ଶୁଣୁଥିଲେ ତ' ଅତ୍ୟନ୍ତ ଧୈର୍ଯ୍ୟ ଓ ଶାନ୍ତିର ସହିତ ଉକ୍ତ କଥାକୁ ଶୁଣିଲେ ଓ ଏହାକୁ ସାଦରରେ ଗ୍ରହଣ ମଧ୍ୟ କରିନେଲେ । ତାହିର୍ ସାହେବ କୁହନ୍ତି: ପିତାଶ୍ରୀ ନମାଜ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ତେହଜ୍ଜୁଦ୍ ପାଠ କରୁଥିଲେ ଓ ତସବିହ୍ (ପ୍ରଭୁଙ୍କ ନାମ ଜପିବା) କରିବାର ତାଙ୍କର ଗଭୀର ଅଭିରୁଚି ରହିଥିଲା ଏବଂ ସର୍ବଦା ଉପସ୍ଥିତ ଖଲିଫାଙ୍କ ପାଇଁ ସେ ପ୍ରାର୍ଥନା କରୁଥିଲେ ଏବଂ ଆମମାନଙ୍କୁ ମଧ୍ୟ ଦୁଆ କରିବା ପାଇଁ ଅନୁପ୍ରାଣିତ କରୁଥିଲେ । ପ୍ରସଙ୍ଗବୋଧ, ଚାତୁର୍ଯ୍ୟତା, କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ଥିଲେ । ଅଭାବ, ଦୂରାବସ୍ଥା, କ୍ରୂରତାକୁ ସେ ଅନନ୍ଦ ସହକାରେ ସହ୍ୟ କରୁଥିଲେ । ଅତ୍ୟନ୍ତ ନିର୍ମଳ ହୃଦୟର ଅଧିକାରୀ ଥିଲେ । ପିତାଶ୍ରୀ ଆମର ସର୍ବୋତ୍କୃଷ୍ଟ ଶିକ୍ଷକ ଥିଲେ। ସ୍ନେହକାରୀ ପିତାଶ୍ରୀ ମଧ୍ୟ ଥିଲେ ଓ ଆମର ସମସ୍ତ ଅଳି ଅର୍ଦ୍ଦଳି, ଆକାଂକ୍ଷା ତଥା ଦାବିକୁ ସେ ପୂର୍ଣ୍ଣ କରୁଥିଲେ, ସର୍ବୋତ୍କୃଷ୍ଟ ମାର୍ଗଦର୍ଶକ, ପରାମର୍ଶଦାତା ଥିଲେ । ଅତ୍ୟନ୍ତ ଦୃଢ ବ୍ୟକ୍ତିତ୍ୱର ଅଧିକାର ଥିଲେ । ଅଲ୍ଲାଃତାଲା ସ୍ୱର୍ଗତ ଜାୱେଦ୍ ସାହେବଙ୍କ ପ୍ରତି ସଦୟ ହୁଅନ୍ତୁ ତାଙ୍କର ସନ୍ତାନ ସନ୍ତତି ମଧ୍ୟ ଜମାଅତ୍ ସହିତ ଭଲ ଭାବରେ ସଂଶ୍ଳିଷ୍ଟ ହୋଇ ରୁହନ୍ତୁ ।" ହୁଜୁର୍ ଅନୱର୍ ଅ.ବ କହିଲେ, ମୋର ମଧ୍ୟ ତାଙ୍କ (ଜାୱେଦ୍) ସହିତ ପୁରୁଣା ସଂପର୍କ ରହିଥିଲା । ଯେଉଁ ବିଶେଷ ସୁଗୁଣାବଳୀ ସଂପର୍କରେ ସ୍ୱର୍ଗତ ଜାୱେଦ୍ ସାହେବଙ୍କର ସୁପୁତ୍ର ତାହିର୍ ସାହେବ ଅନେକ କଥା ବର୍ଣ୍ଣନା କରିଛନ୍ତି ଓ ଅନ୍ୟ ଲୋକମାନେ ମଧ୍ୟ ମୋତେ ପତ୍ର ଲେଖିଛନ୍ତି । ସେମାନେ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଜାୱେଦ୍ ସାହେବ ଅସଂଖ୍ୟା ସୁଗୁଣାବଳୀର ଅଧିକାରୀ ଥିଲେ । ଅଲ୍ଲାଃତା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

☆ ☆ ☆

# (ଖୁତ୍‌ବା ଜୁମା)

ଆଁହଜରତ ସ.ଅ ନବି ଶିରୋମଣି ଅଟନ୍ତି ଓ ପବିତ୍ର କୁରଆନ୍ କରୀମ ଖାତମୁଲ୍ କୁତୁବ୍ (ଚୂଡ଼ାନ୍ତ) ପୁସ୍ତକ ଅଟେ । ବର୍ତ୍ତମାନ ଆଉଁ କୌଣସି କଲ୍‌ମା (ଇସଲାମୀୟ ମର୍ମବାଣୀ) ନମାଜ ହୋଇପାରିବ ନାହିଁ । ଆଁହଜରତ ସ.ଅ ଯାହାକିଛି କରି ଦେଖାଇ ଦେଇଛନ୍ତି ଏବଂ ଯାହାକିଛି ପବିତ୍ର କୁରଆନ୍ କରୀମରେ ଉଲ୍ଲିଖିତ ହୋଇଛି ତାହାକୁ ବାଦ୍‌ଦେଲେ ମୋକ୍ଷ ପ୍ରାପ୍ତ କରିବା କଦାପି ସମ୍ଭବପର ନୁହେଁ । ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌କୁ ପରିତ୍ୟାଗ କରିଦେବ ସେ ନର୍କଗାମୀ ହୋଇଯିବ । ଏହା ହିଁ ମୋର ଧର୍ମମତ ଓ ମୋର ଆସ୍ଥା ଅଟେ । (ହ. ମସିହ୍ ମଉଦ୍ ଅ.ସ)

ଧର୍ମର ଏହି ଅଧିକାର ନାହିଁ ଯେ, ଧର୍ମ କୌଣସି ବ୍ୟକ୍ତିର ସ୍ୱଭାବିକ ଶକ୍ତିକୁ ପରିବର୍ତ୍ତନ କରିଦେବ । ହଁ ଧର୍ମ ଏହି ଅଧକାର ପ୍ରଦାନ କରେ ଯେ, ଏହାକୁ ଅର୍ଥାତ ମାନବିକ ସ୍ୱଭାବିକ ଶକ୍ତିକୁ ଯଥା ସ୍ଥାନରେ ବ୍ୟବହାର କରିବା ନିମନ୍ତେ ବିବେକକୁ ନିର୍ଦ୍ଦେଶିତ କରୁ ଓ ଏବଂ ଗୋଟିଏ ଶକ୍ତି (ଅର୍ଥାତ ଦୟା ଓ କ୍ଷମା) ଉପରେ ଗୁରୁତ୍ୱାରୋପ ନକରୁ ବରଂ ସକଳ ଶକ୍ତିକୁ ବିନିଯୋଗ କରିବା ନିମନ୍ତେ ଓସିୟତ୍ କରୁ । (ହ. ମସିହ୍ ମଉଦ୍ ଅ.ସ)

ଅଣଅହେମଦି ମୁସଲମାନମାନଙ୍କ ମଧ୍ୟରେ ଅନେକ ବିଦ୍‌ଆତ୍ (ନୂତନ ଆହୃତ ରୀତି).....ସ୍ଥାନିତ ଏବଂ ପ୍ରଚଳିତ ହୋଇଯାଇଛି । କିନ୍ତୁ କେତେକ ଅହେମଦିମାନେ ମଧ୍ୟ ଏହି ନୂତନ ବିଦ୍‌ଆତ୍ ସଂସ୍ପର୍ଶରେ ଆସିଯାଇଛନ୍ତି । ଅତଃ ଆମମାନଙ୍କୁ ତହିଁରୁ ବର୍ତ୍ତିବା ଉଚିତ୍ ଏବଂ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ଓ ତଫ୍‌ସିର୍ ପାଠ କରିବା ପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ ।

ସଂଖ୍ୟାଗରିଷ୍ଠ ମୁସଲମାନମାନେ ମୂର୍ଖ ଅଟନ୍ତି । ନାମକୁ ମାତ୍ର ବିଦ୍ୱାନ୍‌ମାନେ ମୁସଲମାନମାନଙ୍କୁ ଯେଉଁ ଆଡ଼କୁ ଚାଲିବାକୁ ନିର୍ଦ୍ଦେଶ ଦିଅନ୍ତି ମୁସଲମାନମାନେ ସେହି ମାର୍ଗରେ ଅଗ୍ରସର ହେବାକୁ ଆରମ୍ଭ କରିଦିଅନ୍ତି । ଫଳତଃ ବିଦ୍‌ଆତ୍ ଆହୁରି ପ୍ରସାରିତ ଓ ବିସ୍ତାରିତ ହୋଇଚାଲେ । କିନ୍ତୁ ଏସବୁ ସତ୍ତ୍ୱେ ଅଣଅହେମଦିମାନେ ଆମମାନଙ୍କ ଉପରେ ଏହି ଲାଞ୍ଛନ ଲଗାଉଛନ୍ତି ଯେ, ଆମେମାନେ କୁଆଡ଼େ ପବିତ୍ର କୁରଆନ୍ କରୀମ୍‌ରେ ପରିବର୍ତ୍ତନ କରୁଛୁ ।

"ମୁସଲମାନମାନଙ୍କର ଉନ୍ନତି ପବିତ୍ର କୁରଆନ୍ କରୀମ୍ ସହିତ ହିଂ ସଂଶ୍ଳୀଷ୍ଟ ଓ ପବିତ୍ର କୁରଆନ୍ କରୀମ୍ ଉପରେ ହିଁ ନିର୍ଭରଶୀଳ ଅଟେ ।"

"ପବିତ୍ର କୁରଆନ୍ କରୀମ୍ ରତ୍ନମାଣିକ୍ୟର ଏକ ଥଳୀ ଅଟେ । ଅଥଚ ଲୋକମାନେ ତହିଁରୁ ଅବଚେତନ ତଥା ଅନବଗତ ଅଟନ୍ତି" । ପବିତ୍ର କୁରଆନ୍ କରୀମର୍ ସମ୍ମୁଖରେ କୌଣସି ଯାଦୁ ବିଦ୍ୟା ତିଷ୍ଠି ପାରିବ ନାହିଁ । ନିଃସନ୍ଦେହ ରୂପେ ସ୍ମରଣ ରଖ ଯେ, ପବିତ୍ର କୁରଆନ୍ କରୀମ୍ ହେଉଛି ସେହି ମହାନ୍ ଅସ୍ତ୍ର ଯାହା ସମ୍ମୁଖରେ କୌଣସି ଅସତ୍ୟ ଛିଡ଼ା ହେବା ପାଇଁ ସାହାସ ମଧ୍ୟ କରିପାରିବ ନାହିଁ ।

ପବିତ୍ର କୁରଆନ୍ କରୀମ୍‌ର ଅନୁକରଣଦ୍ୱ ଫଳରେ ଈଶ୍ୱର ପ୍ରାପ୍ତ ହୋଇଥାଆନ୍ତି ।

ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ ଜାତିର ଅବତାରଙ୍କ ଉପରେ ବିଶ୍ୱାସ ଆଣିବା ଆବଶ୍ୟକ ଓ ଅନିର୍ବାର୍ଯ୍ୟ ବୋଲି ବିବେଚିତ କରିଛି । ପବିତ୍ର କୁରଆନ୍ କରୀମ୍‌ରେ ପ୍ରକାଶ୍ୟଗତ ସଂସ୍କାରର ବ୍ୟବସ୍ଥା ରହିଛି । ପବିତ୍ର କୁରଆନ୍ ହେଉଛି ଚୂଡ଼ାନ୍ତ ବିଶ୍ୱାସିକ ଧର୍ମଗ୍ରନ୍ଥ । ପବିତ୍ର କୁରଆନ୍ କରୀମ ପୂର୍ବ ଧର୍ମଗ୍ରନ୍ଥମାନଙ୍କର ଉପରେ ଏହି ମହୋପକାର କରିଛି ଯେ ସେହି ଧର୍ମାବଲମ୍ବୀମାନଙ୍କ ଶିକ୍ଷା ଯାହାକି କାହାଣୀ ତଥା ଗଳ୍ପ ଆକାରରେ ଥିଲା ତାହାକୁ ଜ୍ଞାନର ନୂତନ ରୂପ ଓ ପୃଷ୍ଠ ପ୍ରଦାନ କରିଛି । ପବିତ୍ର କୁରଆନ୍ କରୀମ୍‌ରେ ସବୁକିଛି ରହିଛି । କିନ୍ତୁ ଯେପର୍ଯ୍ୟନ୍ତ ଅଧ୍ୟାତ୍ମ ଚକ୍ଷୁ ପ୍ରାପ୍ତ ହୋଇ ନାହିଁ ସେପର୍ଯ୍ୟନ୍ତ କିଛି ବି ପ୍ରାପ୍ତ ହୋଇପାରିବ ନାହିଁ । ଶୀଘ୍ର କ୍ରୋଧିତ ହୋଇଯିବା, ବିଦ୍ୱେଷ ଓ କ୍ରୋଧିତ ସ୍ୱଭାବ ସହିତ ପବିତ୍ର କୁରଆନ୍ କରୀମ୍‌ର କୌଣସି ସଂପର୍କ ନାହିଁ ଓ ନା ହିଁ ଏହିପରି ସ୍ୱଭାବର ଅଧିକାରୀ ଉପରେ ପବିତ୍ର କୁରଆନ୍ କରୀମ୍‌ର ରହସ୍ୟ ଉନ୍ମୋଚିତ ହୋଇଥାଏ ।

ଯେଉଁ ଜାତି ସହିତ ପ୍ରଭୁ ଆମମାନଙ୍କୁ ମୁହାଁମୁହିଁ କରାଇଲେ ସେହି ଜାତି ଉପରେ ଆମେମାନେ ପବିତ୍ର କୁରଆନ୍ କରୀମ୍ ମାଧ୍ୟମରେ ହିଁ ବିଜୟ ପ୍ରାପ୍ତ କରିଥିଲୁ । ପବିତ୍ର କୁରଆନ୍ କରୀମ୍ ଯେପରି ଏକ ନିରକ୍ଷର ଗ୍ରାମ୍ୟ ବ୍ୟକ୍ତିକୁ ସନ୍ତୁଷ୍ଟି ପ୍ରଦାନ କରେ ଠିକ୍ ସେହିପରି ଏକ ଦାର୍ଶନିକ ବ୍ୟକ୍ତିକୁ ଯଥୋଚିତ ବୌଦ୍ଧିକପୂର୍ଣ୍ଣ ଉତ୍ତର ଦେଇ ସନ୍ତୁଷ୍ଟ ପ୍ରଦାନ କରିଥାଏ । ସମସ୍ତ ମାର୍ଗଦର୍ଶନ ମଧ୍ୟରୁ କେବଳ ପବିତ୍ର କୁରଆନ୍ କରୀମ୍ ହିଁ ସଠିକତା ସ୍ତର ଓ ସଠିକତା ଦୃଷ୍ଟିରୁ ଏବଂ ମାନବିକ ଅପମିଶ୍ରଣ ଠାରୁ ପବିତ୍ର ଅଟେ । ଯଦିଓ ପ୍ରତ୍ୟେକ ଐଶୀବାଣୀ ବିଶ୍ୱାସ ଜନ୍ମାଇବା ନିମନ୍ତେ ଅବତୀର୍ଣ୍ଣ ହୋଇଥିଲା କିନ୍ତୁ ପବିତ୍ର କୁରାଆନ୍ କରୀମ୍ ସେହି ସର୍ବୋଚ୍ଚ ସ୍ତରର ବିଶ୍ୱାସର ମୂଳଦୁଆ ପକାଇ ସୀମା ନିର୍ଦ୍ଧାରଣ କରିଦେଲା ।

ହ.ମସିହ୍ ମଉଦ୍ ଅ.ସ ଯେତେବେଳେ ପବିତ୍ର କୁରଆନ୍ କରୀମ୍‌ରୁ ପ୍ରତ୍ୟେକ ପ୍ରକାରର ପରିବର୍ତ୍ତନ ଏବଂ ଅନ୍ତର୍ବିନିମୟ ପ୍ରସଙ୍ଗକୁ ପ୍ରତ୍ୟାଖ୍ୟାନ କରିଦେଲେ ଓ ପବିତ୍ର କୁରଆନ୍ କରୀମ୍‌ରେ ପ୍ରତ୍ୟେକ ପ୍ରକାରର ଅନ୍ତର୍ବିନିମୟ ଓ ପରିବର୍ତ୍ତନକୁ ଅସ୍ୱୀକାର କରି ଏହି ଘୋଷଣା କରିଦେଲେ ଯେ, ଆମେ ଯଦି ଏପରି କରିଥାଉ ତେବେ ଆମେ ଦୋଷୀ ଅଟୁ ଏବଂ ଅଲ୍ଲାଃତାଲାଙ୍କ ସମକ୍ଷରେ ଆମେମାନେ ଶାସ୍ତିଯୋଗ୍ୟ ଅଟୁ। କିନ୍ତୁ ଆମ ଉପରେ ଦୋଷାରୋପଣ କରୁଥିବା ବ୍ୟକ୍ତିମାନେ ନିଜକୁ ଅଲ୍ଲାଃତାଲାଙ୍କ ଠାରୁ ବି ମହାନ୍ ବୋଲି ମନେକରନ୍ତି ଏବଂ ସେମାନେ ଆଜିକାଲି ଚିତ୍କାର କରି କୁହନ୍ତି: ଅଲ୍ଲାଃତାଲା ଆମମାନଙ୍କୁ ଦୋଷୀ ନକରନ୍ତୁ ପଛେ କିନ୍ତୁ ସେହି ଲୋକମାନେ ଆମମାନଙ୍କୁ ଦୋଷୀ

ସାବ୍ୟସ୍ତ କରି ଆମମାନଙ୍କୁ ଅବଶ୍ୟ ଦଣ୍ଡିତ କରିବେ । ଅଲ୍ଲାଃତାଲା ଏହିଭଳି ଉପଦ୍ରବକାରୀ ଲୋକମାନଙ୍କର ଉପଦ୍ରବ ଏବଂ ହିଂସା ଠାରୁ ପ୍ରତ୍ୟେକ ଅହେମଦିଙ୍କୁ ସୁରକ୍ଷିତ ରଖନ୍ତୁ ଏବଂ ସେମାନଙ୍କର ଉପଦ୍ରବ ଓ ହିଂସା ସେମାନଙ୍କ ଉପରେ ହିଁ ଲେଉଟାଇ ଦିଅନ୍ତୁ । ଆମିନ୍ ।

ରମଜାନ୍ ମାସରେ ଯେଉଁଠି ପବିତ୍ର କୁରଆନ୍ କରୀମ୍ ପାଠ କରିବା ପ୍ରତି ଓ ଏହା ବୁଝିବା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ ଓ ତତ୍ସହିତ ଦୁଆ କରିବା ପ୍ରତି ମଧ୍ଯ ବିଶେଷ ଧ୍ୟାନ ଦିଅନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବଙ୍କ ପାକିସ୍ତାନ, ବୁର୍କିନାଫାସୋ ଓ ବାଂଲାଦେଶର ଅହେମଦିମାନଙ୍କ ନିମନ୍ତେ ଦୁଆ କରିବା ପାଇଁ ବାରମ୍ବାର ଆହ୍ବାନ ।

## ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା

17 March 2023 ମସିହା ଅନୁଯାୟୀ ୧୦ଅମାନ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِناَ الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ବିଗତ କିଛି ସପ୍ତାହ ଧରି ପବିତ୍ର କୁରଆନ୍ କରୀମ୍‌ର ସୌନ୍ଦର୍ଯ୍ୟ ଏବଂ ସୁଗୁଣାବଳୀର ଚର୍ଚ୍ଚା ଚାଲିଛି, ସେହି କ୍ରମରେ ଏହାର ଅବଶିଷ୍ଟାଂଶ ବର୍ଣ୍ଣନା କରିବି । ପବିତ୍ର କୁରଆନ୍ କରୀମ୍ ନିକଟରେ ଧର୍ମର କ'ଣ ପ୍ରାସଙ୍ଗିକତା ଓ ମହତ୍ତ୍ୱ ରହିଛି ? ମାନବିକ ସାମର୍ଥ୍ୟ କେତେଦୂର ପର୍ଯ୍ୟନ୍ତ ଉକ୍ତ ମହୋପକାର ଏବଂ ସୁଗୁଣାବଳୀକୁ କିପରି ବିନିଯୋଗ କରିପାରିବ ଏବଂ କିପରି ଏହାର ସଦୁପଯୋଗ କରିବା ଉଚିତ ? ତତ୍ସଂପର୍କରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଇହୁଦୀମାନଙ୍କର ଧର୍ମଗ୍ରନ୍ଥ ଇଞ୍ଜିଲ୍ ଉକ୍ତ ପ୍ରଶ୍ନର କୌଣସି ଉତ୍ତର ପ୍ରଦାନ କରି ନାହିଁ । କାରଣ ଇଞ୍ଜିଲ୍ ବ୍ରହ୍ମଜ୍ଞାନର ମାର୍ଗ ଠାରୁ ବହୁ ଦୂରରେ ଅବସ୍ଥିତ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ସମ୍ୟକ ଭାବରେ ବାରମ୍ବାର ଉକ୍ତ ସମସ୍ୟାର ସମାଧାନ କରିଥାଏ । ଧର୍ମରେ ଏହି ଉଦ୍ଦେଶ୍ୟ ନୁହେଁ ଯେ, ମାନବିକ ସ୍ୱଭାବକୁ ପରିବର୍ତ୍ତନ କରୁ ଏବଂ ହେଟାବାଘକୁ ଛେଳୀରେ ପରିଣତ କରି ଦେଖାଉ ! ଅର୍ଥାତ ଶକ୍ତିଶାଳୀ ତଥା ସବଳ ବ୍ୟକ୍ତିକୁ ଦୁର୍ବଳ ବ୍ୟକ୍ତିରେ ପରିଣତ କରି ଦେଖାଇ ଦେଉ । ଧର୍ମର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ହେଲା ଯେ, ମନୁଷ୍ୟ ମଧ୍ୟରେ ସ୍ୱାଭାବତଃ ଯେଉଁ ଶକ୍ତି ଏବଂ ଦକ୍ଷତା ନିହିତ ରହିଛି ଏବଂ ଅଲ୍ଲାଃତାଲା ମନୁଷ୍ୟକୁ ଯେଉଁ ଶକ୍ତି ପ୍ରଦାନ କରିଛନ୍ତି ତାହାକୁ ମନୁଷ୍ୟ ସଠିକ୍ ସ୍ଥାନ ଓ ଯଥା ସମୟରେ ମାର୍ଗ ଦର୍ଶକ ରୂପେ ବିନିଯୋଗ କରୁ । ଧର୍ମର ଏହି ଅଧିକାର ତଥା ସ୍ୱାଧୀନତା ନାହିଁ ଯେ, କୌଣସି ସ୍ୱାଭାବିକ ଶକ୍ତିକୁ ପରିବର୍ତ୍ତନ କରିଦେବ ତାହା ନୁହେଁ, ବରଂ ଧର୍ମ ମନୁଷ୍ୟ ମଧ୍ୟରେ ଥିବା ସାମର୍ଥ୍ୟ ତଥା ଦକ୍ଷତାକୁ ଯଥା ସ୍ଥାନରେ ବିନିଯୋଗ କରିବା ନିମନ୍ତେ ମାର୍ଗଦର୍ଶନ ରୂପେ ଅନୁପ୍ରାଣିତ କରିଥାଏ । କେବଳ ଗୋଟିଏ ଶକ୍ତି ଉପରେ ବଳ ପ୍ରୟୋଗ ନକରି ବରଂ ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବା ନିମନ୍ତେ ତାଗିଦ୍ କରେ । ହୁଜୁର ଅ.ସ କହିଲେ ଧର୍ମର ପ୍ରକୃତ ଅଭିପ୍ରାୟ ହେଲା ସଂଶୋଧନ ଏବଂ ଅଭିବୃଦ୍ଧି । ଉକ୍ତ ଅଭିପ୍ରାୟଟି ଯେକୌଣସି ମତେ ସଂପୂର୍ଣ୍ଣ ହୋଇପାରିବ ସେଥି ନିମନ୍ତେ ଉଦ୍ୟମ କରିବା ଉଚିତ। ହୁଜୁର ଅ.ସ କୁହନ୍ତି: ଦୟା ଓ କ୍ଷମା ଉପରେ ଗୁରୁତ୍ୱାରୋପ ନକରୁ ବରଂ ସମସ୍ତ ଶକ୍ତି ଓ ସାମର୍ଥ୍ୟର ବିନିଯୋଗ ନିମନ୍ତେ ଉଦ୍ୟମ କରିବାକୁ ଓସିୟତ୍ (ଇଚ୍ଛାପତ୍ର କରୁ)। କାରଣ ମନୁଷ୍ୟ ମଧ୍ୟରେ ଥିବା କୌଣସି ଶକ୍ତି ବା ବଳ ମନ୍ଦ ନୁହେଁ ବରଂ ଆଧିକ୍ୟତା, ଅତିରଞ୍ଜିତତା ଓ ଦୁରୁପଯୋଗ କରିବା ମନ୍ଦ ଅଟେ । ଯେଉଁ ବ୍ୟକ୍ତି ନିନ୍ଦାଯୋଗ୍ୟ ସେ କେବଳ ସ୍ୱାଭାବିକ ଶକ୍ତି ଯୋଗୁଁ ନିନ୍ଦନୀୟ ନୁହେଁ ବରଂ ସେ ନିଜ ମଧ୍ୟରେ ଥିବା ସ୍ୱାଭାବୀୟ ଗୁଣାବଳୀର ଦୁରୁପଯୋଗ କରିବା ହେତୁ ନିନ୍ଦନୀୟ ଅଟେ ।" **(ସିରାଜୁଦ୍ଦୀନ୍ ଇସାଇର ଚାରୋଟି ପ୍ରଶ୍ନ, ରୁହାନୀ ଖଜାଏନ୍, ଭାଗ-12, ପୃ-340-341)**

ଏହାର ଏକ ଛୋଟିଆ ଉଦାହରଣ ଏହିପରି ଅଟେ ଯେ, ଶାରୀରିକ ରୂପେ ସକ୍ଷମ ଏକ ଶକ୍ତିଶାଳୀ ବ୍ୟକ୍ତି ନିଜ ଶକ୍ତିର ପରିପ୍ରକାଶ ବା ପ୍ରଦର୍ଶନ ପାଇଁ ଅନ୍ୟାୟ ଓ ଅତ୍ୟାଚର କରେ କିମ୍ବା ଉକ୍ତ ବ୍ୟକ୍ତିଙ୍କୁ ଯଦି ଏହି ଅଧିକାର ପ୍ରାପ୍ତ ହୋଇଛି ଯେ, ସେ ଅନ୍ୟାୟ ତଥା ଅତ୍ୟାଚାର କରେ ତେବେ ସେହି ବ୍ୟକ୍ତି ଜଣକ ଅନ୍ୟମାନଙ୍କ ପାଇଁ କୋମଳ ହୃଦୟ ବ୍ୟକ୍ତି ହୋଇପାରିବ ନାହିଁ । ସ୍ଥାନ, କାଳ ଓ ପାତ୍ର ବିଶେଷରେ ନିଜ ଶକ୍ତିର ପରିପ୍ରକାଶ ବା ଶକ୍ତି ପ୍ରଦର୍ଶନ ନହୋଇ ଯଦି ତାହା ନିଜର ଶ୍ରେଷ୍ଠତ୍ୱ ସାବ୍ୟସ୍ତ କରିବା ଏବଂ ନିଜର ପ୍ରତିପତ୍ୟତ୍ୱକୁ ସ୍ଥାପନ ତଥା ଚରିତାର୍ଥ କରିବାର ଅଭିପ୍ରାୟ ହୋଇଥାଆନ୍ତା ତେବେ ଏପରି ବ୍ୟେକ୍ତି ମନ୍ଦ ବ୍ୟକ୍ତି ରୂପେ ବିବେଚିତ ହେବ । ବ୍ୟକ୍ତିର ଶକ୍ତି ଓ ସାମର୍ଥ୍ୟତା ମନ୍ଦ ନୁହେଁ । କିନ୍ତୁ ଏହାର ବ୍ୟବହାର ବା ଦୁରୁପଯୋଗ ମନ୍ଦ ବା ଭୁଲ୍ ଅଟେ ।

ହ. ମସିହ୍ ମଉଦ୍ ଅ.ସ ଉକ୍ତ ପ୍ରସଙ୍ଗକୁ ବର୍ଣ୍ଣନା କରି ନିଜ ଆଗମନ ଓ ଅବତୀର୍ଣ୍ଣ ହେବାର ଅଭିପ୍ରାୟ ଓ ପବିତ୍ର କୁରଆନ୍ କରୀମ୍‌ର ସତ୍ୟତାକୁ ସାବ୍ୟସ୍ତ କରି କୁହନ୍ତି: ଉକ୍ତ କଥାଟି ବାସ୍ତବରେ ସତ୍ୟ ଯେ, ମୁସଲମାନମାନେ ଆଦୌ କୁରଆନ୍‌କୁ ବୁଝନ୍ତି ନାହିଁ । କିନ୍ତୁ ବର୍ତ୍ତମାନ ପ୍ରଭୁ ଏହି ଇଚ୍ଛା ପ୍ରକାଶ କରିଛନ୍ତି ଯେ, କୁରଆନ୍‌ର ସଠିକ୍ ଅର୍ଥ ପ୍ରକାଶିତ ହେଉ । ପ୍ରଭୁ ମୋତେ ଏଇଥିପାଇଁ ନିଯୁକ୍ତ କରି ପ୍ରେରଣ କରିଛନ୍ତି ଯେ, ମୁଁ ତାହାଙ୍କ ଦ୍ୱାରା ପ୍ରାପ୍ତ ଦୈବୀବାଣୀ ଓ ଐଶୀବାଣୀ ମାଧ୍ୟମରେ ପବିତ୍ର କୁରଆନ୍‌କୁ ଲୋକମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି । କୁରଆନ୍‌ର ଶିକ୍ଷା ହେଉଛି ଏହିଭଳି ଏକ ଶିକ୍ଷା ଯାହା ଉପରେ କୌଣସି ବ୍ୟକ୍ତି ଆପତ୍ତି କରିପାରିବ ନାହିଁ । ଏହା ସିଦ୍ଧାନ୍ତଭିତ୍ତିକ ଗ୍ରନ୍ଥ ଓ ସିଦ୍ଧାନ୍ତ ଦ୍ୱାରା ପରିପୂର୍ଣ୍ଣ ଅଟେ । ଫଳତଃ ଜଣେ ଦାର୍ଶନିକଙ୍କୁ ମଧ୍ୟ ଏହା ଉପରେ ଆପତ୍ତି କରିବାର କୌଣସି ସୁଯୋଗ ମଧ୍ୟ ମିଳି ନଥାଏ । **(ମଲ୍‌ଫୁଜାତ୍ ଭାଗ-6, ପୃ-167, ପ୍ରକାଶନ୍ ବର୍ଷ-1984 ମସିହା)**

ପୁନଶ୍ଚ ପବିତ୍ର କୁରଆନ୍‌ର ମାହାତ୍ମ୍ୟତା, ଶ୍ରେଷ୍ଠତା ସଂପର୍କରେ ବର୍ଣ୍ଣନା କରି ଆପଣ ଅ.ସ ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କୁ ଉପଦେଶ ଦେଇ କୁହନ୍ତି, ପବିତ୍ର କୁରଆନ୍ କରୀମ୍ ଉପରେ ଧ୍ୟାନପୂର୍ବକ ଚିନ୍ତା କର । ତହିଁରେ ପୁଣ୍ୟାବଳୀ ଏବଂ ଅପକର୍ମର ସବିଶେଷ ବିବରଣୀ ଉଲ୍ଲେଖ ରହିଛି ଏବଂ ଭବିଷ୍ୟ କାଳର ସୂଚନା ମଧ୍ୟ ତହିଁରେ ଉଲ୍ଲେଖ ରହିଛି ଇତ୍ୟାଦି ଇତ୍ୟାଦି । ତେଣୁ ତୁମେମାନେ ଭଲ ଭାବରେ ବୁଝିନିଅ ଯେ, ପବିତ୍ର କୁରଆନ୍ ସେହି ଧର୍ମକୁ ଉପସ୍ଥାପିତ କରିଥାଏ ଯାହା ଉପରେ କୌଣସି ଆପତ୍ତି ହୋଇପାରିବ ନାହିଁ । କାରଣ ଇସ୍‌ଲାମ୍ ଧର୍ମ ଓ ପବିତ୍ର କୁରଆନ୍‌ରୁ ସଦ୍ୟତମ କଲ୍ୟାଣ ଓ ଫଳଶ୍ରୁତି ହିଁ ପ୍ରାପ୍ତ ହୋଇଥାଏ । ଏହି ଗୌରବ କେବଳ ପବିତ୍ର କୁରଆନ୍‌କୁ ହିଁ ପ୍ରାପ୍ତ ହୋଇଅଛି ଯେ, ଅଲ୍ଲାଃତାଲା ଇଞ୍ଜିଲ୍‌ରେ ଧର୍ମକୁ ପୂର୍ଣ୍ଣ ରୂପେ ବର୍ଣ୍ଣନା କରାଯାଇ ନାହିଁ ଯେ, ତା'ର ଶିକ୍ଷା

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସାଂପ୍ରତିକ ଯୁଗରେ ଯୁଗାନୁସାରୀ ଓ ଯୁଗାନୁପୋଯୋଗୀ ଅବସ୍ଥା ମୁତାବକ ହେବା ଉଚିତ୍ ଥିଲା । କିନ୍ତୁ ପ୍ରତ୍ୟେକ ଅବସ୍ଥାନୁଯାୟୀ ତାହା ସମ୍ଭବପର ହୋଇପାରି ନାହିଁ। ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଯେଉଁ ଯୁଗରେ ହ. ଇସା ଅ.ସ ଆବିର୍ଭୂତ ହୋଇଥିଲେ ତାହା ଯୁଗାନୁସାରୀ ଅବସ୍ଥା ଥିଲା । କିନ୍ତୁ ବର୍ତ୍ତମାନ ନୁହେଁ । ଉକ୍ତ ଗୌରବ କେବଳ ପବିତ୍ର କୁରଆନ୍ କରୀମ୍‌କୁ ହିଁ ପ୍ରାପ୍ତ ହୋଇଛି ଯେ, ଅଲ୍ଲାଃତାଲା ଉକ୍ତ ଗ୍ରନ୍ଥରେ (କୁରଆନ୍‌ରେ) ସକଳ ପ୍ରକାରର ରୋଗ ଓ ତା'ର ଚିକିତ୍ସା ଏବଂ ନିବାରଣ ସଂପର୍କରେ ଚର୍ଚ୍ଚା ରହିଛି, ପବିତ୍ର କୁରଆନ୍ ସମସ୍ତ ଶକ୍ତିର ସଂସ୍କାର କରିଛି ଏବଂ ମନୁଷ୍ୟ ଦ୍ୱାରା ଯେଉଁ ପାପ ଓ ମନ୍ଦ କର୍ମ ସମ୍ପାଦିତ ହୋଇଥାଏ ତାହାକୁ ଦୂରୀଭୂତ କରିବାର ପନ୍ଥା ମଧ୍ୟ ତହିଁରେ ଦର୍ଶାଇ ଦିଆଯାଇଛି । ଅତଏବ ପବିତ୍ର କୁରଆନ୍‌ର ଆବୃତ୍ତି କରୁଥାଅ, ଦୁଆ କରୁଥାଅ ଏବଂ ନିଜର ଚାଲି ଚଳଣ ଓ ଆଚାର ବ୍ୟବହାରକୁ ପବିତ୍ର କୁରଆନ୍‌ର ଶିକ୍ଷା ଅନୁଯାୟୀ ଶୃଙ୍ଖଳିତ ଓ ପରିମାର୍ଜିତ କରିବା ପାଇଁ ଉଦ୍ୟମ କର । **(ମଲ୍‌ଫୁଜାତ୍, ଭାଗ-9, ପୃ-122, ପ୍ରକାଶନ ବର୍ଷ-1984 ମସିହା)**

ପବିତ୍ର କୁରଆନ୍ ଉପରେ ଧ୍ୟାନ ଦେବା ପ୍ରତି ଦୃଷ୍ଟି ଆକର୍ଷଣ କରି ଆପଣ ଅ.ସ କହିଲେ: ପ୍ରଥା ପରମ୍ପରା ଏବଂ ନୂତନ ଆହୃତ ରୀତି ଠାରୁ ଦୂରେଇ ରହିବା ଅଧିକ ଶ୍ରେୟସ୍କର ଅଟେ । କାରଣ ଏହି ପ୍ରଥା ଓ ନୂତନ ଆହୃତ ରୀତି ଦ୍ୱାରା ଧର୍ମ ବିଧାନରେ କ୍ରମଶଃ ପରିବର୍ତ୍ତନ ଓ ସ୍ଖଳନ ଆରମ୍ଭ ହୋଇଯାଇଥାଏ । ତେଣୁ ବ୍ୟକ୍ତି ପକ୍ଷେ ଏହା ଅଧିକ ଶ୍ରେୟସ୍କର ହେବ ଯେ, ସେ ଏହିଭଳି ମନ୍ତ୍ରଗାନ ବା ଯଶୋଗାନରେ ନିଜର ସମୟକୁ ଅତିବାହିତ କରିବା ଅପେକ୍ଷା ସେହି ସମୟକୁ ସେ ପବିତ୍ର କୁରଆନ୍ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ଅତିବହିତ କରୁ ।

**(ମଲ୍‌ଫୁଜାତ୍, ଭାଗ-6, ପୃ-266, ପ୍ରକାଶନ ବର୍ଷ-1984 ମସିହା)**

ବିଦ୍ୱାନ୍‌ମାନଙ୍କର ଏହି ପ୍ରୟାସ ହୋଇଥାଏ ଯେ, ସେମାନେ ସାଧାରଣ ଲୋକଙ୍କୁ କୌଣସି ମନ୍ତ୍ର ସଂପର୍କରେ କହି ଦିଅନ୍ତି, ସାମାନ୍ୟ କଥା କହି ସେମାନଙ୍କୁ କୁହନ୍ତି ଯେ, ତୁମେ ବାସ୍ ଏହାରି ଉପରେ ଦୃଷ୍ଟି ନିକ୍ଷେପ କରୁଥାଅ । ତେଣୁ ସାଧାରଣ ବ୍ୟକ୍ତି ସାଧୁ ବା ବିଦ୍ୱାନମାନଙ୍କର ଏହି କଥାକୁ ମାନି ଏହାକୁ ପ୍ରାଧାନ୍ୟ ଦିଅନ୍ତି । ଆପଣ ଅ.ସ କହିଲେ; ଏପରି କରିବା ଆଦୌ ସଠିକ୍ ନୁହଁ । ବରଂ ତୁମେମାନେ ପବିତ୍ର କୁରଆନ୍ କରୀମ୍ ଉପରେ ଧ୍ୟାନମଗ୍ନ ହେବା ନିମନ୍ତେ ସମୟ ଅତିବାହିତ କର । କେତେକ ଲୋକମାନେ ମନ୍ତ୍ର ଜପରେ ସମୟ ଅତିବାହିତ କରିଦେଇ ଥାଆନ୍ତି । ତ' ଆଉ କେତେକ ଯେଉଁ ମନ୍ତ୍ର ଜପ ଓ ମନ୍ତ୍ରର ଚର୍ଚ୍ଚା କରୁଛନ୍ତି ତା'ର ଅର୍ଥ ମଧ୍ୟ କେତେକଙ୍କୁ ଜଣା ନଥାଏ ଏବଂ ସେମାନେ ଏହା ମନେକରନ୍ତି ଯେ, ଏହି ମନ୍ତ୍ର ଜପ ସେମାନଙ୍କ ଆଧ୍ୟାତ୍ମିକ ଉନ୍ନତିର ମାଧ୍ୟମ ଅଟେ । ହ. ମସିହ୍ ମଉଦ୍ ଅ.ସ କହୁନ୍ତି: ସେହି ଲୋକମାନେ ଏହି ଜପ ବଦଳରେ ଯଦି ନିଜର ସମୟକୁ ପବିତ୍ର କୁରଆନ୍ କରୀମ୍ ଉପରେ ବିଚାର କରିବାରେ ଅତିବାହିତ କରିବା ଅଧିକ ଶ୍ରେୟସ୍କର ଅଟେ । ଆଧ୍ୟାତ୍ମିକ ଉନ୍ନତି ଏହାରି (ପବିତ୍ର କୁରଆନ୍ କରୀମ୍) ମାଧ୍ୟମରେ ପ୍ରାପ୍ତ ହୋଇଥାଏ । ହୁଜୁର ଅନୱର୍ ଅ.ବ କହିଲେ, ଅଣଅହେମଦି ମୁସଲମାନମାନଙ୍କ ମଧ୍ୟରେ ଅନେକ ନୂତନ ଆହୃତ ରୀତି ପ୍ରଚଳିତ ହୋଇଯାଇଛି। କିନ୍ତୁ କେତେକ ଅହେମଦିମାନେ ମଧ୍ୟ ଏହି ନୂତନ ଆହୃତ ରୀତିର ସଂସ୍ପର୍ଶରେ ଆସିଯାଇଛନ୍ତି । ତେଣୁ ଆମମାନଙ୍କୁ ନୂତନ ଆହୃତ ରୀତି ଠାରୁ ବର୍ତ୍ତିବା ଉଚିତ ଏବଂ ପବିତ୍ର କୁରଆନ୍‌ର ଅନୁବାଦ ତଥା ତାହାର ବ୍ୟାଖ୍ୟା ପାଠ କରିବା ପ୍ରତି ଧ୍ୟାନ ଦେବା ଉଚିତ ।'' ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆସନ୍ତା ସପ୍ତାହ ଗୁରୁବାର ଠାରୁ ରମ୍‌ଜାନ୍ ଆରମ୍ଭ ହେଉଅଛି । ଅତଃ ଉକ୍ତ ମାସରେ ଆମମାନଙ୍କୁ ବିଶେଷ ରୂପେ ପବିତ୍ର କୁରଆନ୍ ପାଠ କରିବା ସହିତ ଅନ୍ୟମାନଙ୍କୁ ପଢାଇବା, ତଥା ବୁଝିବା ପ୍ରତି ମନଯୋଗ କରିବା ଉଚିତ ।

ହ. ମସିହ୍ ମଉଦ୍ ଅ.ସ କହୁନ୍ତି: "ହୃଦୟରେ ଯଦି କୌଣସି କ୍ରୁରତା ରହିଛି ତେବେ ତାହାକୁ କୋମଳ କରିବା ନିମନ୍ତେ ଏହା ହିଁ ସର୍ବୋତ୍ତମ ମାର୍ଗ ଯେ, କୁରଆନ୍ କରୀମ୍‌କୁ ବାରମ୍ବାର ପାଠ କରିବା ଉଚିତ । ଯେଉଁ ଯେଉଁଠି ଦୁଆ ହୋଇଥାଏ ସେଠାରେ ବିଶ୍ୱାସକାରୀର ମନ ମଧ୍ୟ ଏହା ଚାହିଁଥାଏ ଯେ, ପ୍ରଭୁଙ୍କ ଉକ୍ତ ଐଶୀ କୃପା ମୋ ଉପରେ ମଧ୍ୟ ଅବତୀର୍ଣ୍ଣ ହେଉ । ପବିତ୍ର କୁରଆନ୍‌ର ଉଦାହରଣ ଏକ ଉଦ୍ୟାନ ସଦୃଶ । ଅର୍ଥାତ ବିଶ୍ୱାସକାରୀ ଧର୍ମପରାୟଣ ବ୍ୟକ୍ତି ବାଟରେ ଚାଲୁ ଚାଲୁ ଗୋଟିଏ ସ୍ଥାନରୁ ପୁଷ୍ପ ସଂଗ୍ରହ କରିଥାଏ ଏବଂ ପୁନଶ୍ଚ ଆଉ ଟିକିଏ ଆଗକୁ ଚାଲି ଅନ୍ୟ ପ୍ରକାରର ପୁଷ୍ପ ସଂଗ୍ରହ କରିଥାଏ । ଅତଃ ବିଶ୍ୱାସକାରୀ ଧର୍ମପରାୟଣ ବ୍ୟକ୍ତି ପକ୍ଷେ ଏହା ବିଧେୟ ଯ, ସେ ପ୍ରତ୍ୟେକ ସ୍ଥାନରେ ଅବସ୍ଥାନୁକୂଳ ତହିଁରୁ ଲାଭାନ୍ୱିତ ହେଉ ।" **(ମଲ୍‌ଫୁଜାତ୍, ଭାଗ-6, ପୃ-266, ପ୍ରକାଶନ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "କାରଣ ଏହା ଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତି ଘଟିଥାଏ । କେଉଁ ଆଦେଶାବଳୀ ତା' ପକ୍ଷେ କରଣୀୟ ଏବଂ କେଉଁ ଆଦେଶାବଳୀଗୁଡ଼ିକ ତା' ପାଇଁ ଅକରଣୀୟ ତାହାକୁ ନିଜ ପାଇଁ ପ୍ରଣୀତ କରିଥାଏ । ଅର୍ଥାତ ଅଲ୍ଲାଃତାଲା ବିଶ୍ୱାସକାରୀକୁ ଯେଉଁ ସବୁ ଅଦେଶାବଳୀ ପ୍ରଦାନ କରିଛନ୍ତି ସେ ତାହାଙ୍କ ଆଦେଶାବଳୀର ପାଳନ କରୁ ଏବଂ ତାହାଙ୍କ ଦ୍ୱାରା ବାରଣ କରାଯାଇଥିବା ଆଦେଶାବଳୀ ପ୍ରତି ଆଜ୍ଞା ପାଳନ ନକରିବା ପାଇଁ ଯଥା ସମ୍ଭବ ପ୍ରୟାସ କରୁ । ଏହି ପୁଷ୍ପ ମନୁଷ୍ୟ ପବିତ୍ର କୁରଆନ୍ ରୂପକ ଉଦ୍ୟାନରୁ ସଂଗ୍ରହ ଏବଂ ଚୟନ କରିବା ଉଚିତ ।" ଆପଣ ଅ.ସ କୁହନ୍ତି: "କେତେକ ବ୍ୟକ୍ତିମାନେ ତ' ନିଜ ଶିକ୍ଷାର ଧାରଣାରେ ଏତେ ଆଗକୁ ବଢିଯାଇଛନ୍ତି ଯେ, ପବିତ୍ର କୁରଆନ୍ କରୀମ୍‌ର କେତେକ ସୁରତ୍‌ର ଉଦାହରଣ ଉପସ୍ଥାପିତ କରି ଆପଣ ଅ.ସ ସୁରାଃ ୟାସିନ୍ ସଂକ୍ରାନ୍ତରେ କୁହନ୍ତି, ଯେ, କେତେକ ଲୋକ ସୁରାଃ ୟାସିନ୍ ସଂପର୍କରେ କୁହନ୍ତି ଯେ, ସୁରାଃ ୟାସିନ୍ ଅମକ ଶୈଳୀ ଅନୁଯାୟୀ ଯଦି ପାଠ କର ତେବେ କଲ୍ୟାଣ ପ୍ରାପ୍ତ ହେବ ଅନ୍ୟଥା କଲ୍ୟାଣ ପ୍ରାପ୍ତ ହେବ ନାହିଁ ।"**(ମଲ୍‌ଫୁଜାତ୍, ଭାଗ-6, ପୃ-266, ପ୍ରକାଶନ ବର୍ଷ-1984 ମସିହାରୁ ଆନୀତ)**

ଉକ୍ତ ପ୍ରସଙ୍ଗଗୁଡ଼ିକ ଐଶୀ ଦାବି ସଂପର୍କିତ ପ୍ରସଙ୍ଗ ଅଟେ । ଅତଃ ଏହି ପ୍ରକାରର ପ୍ରସଙ୍ଗ ବା କଥାରୁ ଆମକୁ ବିଶେଷ କରି ନିବୃତ୍ତ ରହିବା ଉଚିତ୍ । ହ. ମସିହ୍ ମଉଦ୍ ଅ.ସ ପ୍ରସଙ୍ଗକୁ ବର୍ଣ୍ଣନା କରି କୁହନ୍ତି: ପବିତ୍ର କୁରଆନ୍ କରୀମର ଅଭିପ୍ରାୟର ଦୁଇଟି ଅବସ୍ଥା ରହିଛି ଯଥା:- **1-ଅଗ୍ରାଜେ ସୁରି** ଅର୍ଥାତ ପ୍ରକାଶ୍ୟଗତ ଶାବ୍ଦିକ ଅଭିପ୍ରାୟ ଓ **2**-ଅନ୍ୟଟି ହେଉଛି **ଅଗ୍ରାଜେ ମାଆନ୍‌ୱୀ** ଅର୍ଥାତ ଆଭିଧାନିକ ବା ଅପ୍ରକାଶ୍ୟ ଅର୍ଥଗତ । ଏହି ଅଗ୍ରାଜେ ମାଆନ୍‌ୱୀରୁ କ'ଣ ଯଥାର୍ଥ ? ଉକ୍ତ ଅଭିପ୍ରାୟରୁ ଏହା ଯଥାର୍ଥ ଯେ, ଯାହା ଦ୍ୱାରା ମନୁଷ୍ୟ କର୍ମ ସମ୍ପାଦନ ନକରେ କିମ୍ବା ଅର୍ଥଗତ ଆଭିଧାନିକ ରୂପେ କାର୍ଯ୍ୟକାରୀ କରି ନଥାଏ ।

ଆପଣଅ.ସଏହାରଏହିବ୍ୟାଖ୍ୟାକରିଛନ୍ତି।ଅର୍ଥାତଆପଣଅ.ସକୁହନ୍ତି:"ପବିତ୍ର କୁରଆନ୍ କରୀମର ଅଭିପ୍ରାୟ଼ାୟ ଦୁଇ ଭାଗରେ ବିଭକ୍ତ ଅଟେ । **1-ଅଗ୍ରାଜେ ସୁରି** ଓ **2- ଅଗ୍ରାଜେ ମାଆନ୍‌ୱୀ** । ଅଗ୍ରାଜେ ସୁରୀ କହିଲେ ଏହା ବୁଝାଯାଏ ଯେ, ପବିତ୍ତ କୁରଆନ୍ କରୀମ୍‌କୁ ନପଢାଯାଉ । ଯେପରିକି ଅନେକ ଲୋକମାନେ ଯେଉଁମାନେ ନିଜକୁ ମସୁଲମାନ ବୋଲାନ୍ତି କିନ୍ତୁ ସେମାନେ ପବିତ୍ର କୁରଆନ୍ କରୀମ୍‌ର ବାକ୍ୟରୁ ଅନଭିଜ୍ଞ ଓ ଅପରିଚିତ ଅଟନ୍ତି । ଦ୍ୱିତୀୟ ଅବସ୍ଥା ଅର୍ଥାତ ଅଗ୍ରାଜେ ମାଆନ୍‌ୱୀ କହିଲେ ଏହା ବୁଝାଯାଏ ଯେ, ମୁସଲମାନେ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ତ' କରିଥାଏ କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣ, ଅଲୋକ ଓ ଐଶୀକୃପା ଉପରେ ବିଶ୍ୱାସ କରି ନଥାଏ । ସୁତରାଂ ଉଭୟ ଅଭିପ୍ରାୟ ମଧ୍ୟରୁ ଯେକୌଣସି ଅଭିପ୍ରାୟ ହେଉ ପଛେ ତହିଁରୁ ବିରତ ରହିବା ଉଚିତ୍ ।" ଆପଣ ଅ.ସ କୁହନ୍ତି: "ଇମାମ୍ ଜାଫର୍ ର.ଅ ଏକ କଥନ ରହିଛି ତାହା କେତେଦୂର ପର୍ଯ୍ୟନ୍ତ ସତ୍ୟ ଭଗବାନ ହିଁ ଜାଣନ୍ତି । ସେ କୁହନ୍ତି: ଯେ, ମୁଁ ଏଭଳି ପବିତ୍ର କୁରଆନ୍ କରୀମ୍ ପାଠ କରେ ଯେ, ପବିତ୍ର କୁରଆନ୍ କରୀମ୍ ପାଠ କରିବା ସହିତ ଐଶୀବାଣୀ ଆରମ୍ଭ ହୋଇଯାଇଥାଏ । କିନ୍ତୁ ପ୍ରସଙ୍ଗ ଉଚିତ୍ ବୋଲି ମନେ ହୋଇଥାଏ । ହୁଜୁର ଅ.ସ କହିଲେ, ହ. ଜାଫର୍ ର.ଅଙ୍କ ଉକ୍ତ କଥନଟି କେତେଦୂର ପର୍ଯ୍ୟନ୍ତ ସଠିକ୍ ଅବା ନୁହେଁ ତାହା ଅଲ୍ଲାଃତାଲା ହିଁ ଜାଣନ୍ତି କିନ୍ତୁ ଉକ୍ତ କଥନଟି ଯଥୋଚିତ ବୋଲି ମନେହେଉଛି । କାରଣ ଗୋଟିଏ ବର୍ଗର ବସ୍ତୁ ଅନ୍ୟ ଏକ ବର୍ଗର ବସ୍ତୁକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ।"ବର୍ତ୍ତମାନ ଏହି ଯୁଗରେ ଲୋକମାନେ ଶତାଧିକ ବ୍ୟାଖ୍ୟା କରିଛନ୍ତି ଓ ଅତିଶୟୋକ୍ତି ପ୍ରୟୋଗ କରିଛନ୍ତି। ଶିୟା ସଂପ୍ରଦାୟର ଲୋକମାନେ ପୃଥକ ଓ ସୁନ୍ନୀ ସଂପ୍ରଦାୟମାନେ ଭିନ୍ନ ଭିନ୍ନ ବ୍ୟାଖ୍ୟା ଓ ଅତିଶୟୋକ୍ତି ପ୍ରୟୋଗ କରିଛନ୍ତି । ଏକ ଘଟଣା ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଏକଦା ଶିୟା ସଂପ୍ରଦାୟ ମୋର ପିତାଶ୍ରୀଙ୍କୁ କହିଲେ, ମୁଁ ଏକ ବାକ୍ୟ ପଢୁଛି ତୁମେ ତାହାକୁ ପଢିନେବ । ଏହାପରେ ତୁମକୁ ସ୍ୱଚ୍ଛତା ଓ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ୱଜୁ କରିବାର ଆବଶ୍ୟକତା ପଡ଼ିବ ନାହିଁ ।" ସେହି ବାକ୍ୟଟି ତୁମ ପାଇଁ ଯଥେଷ୍ଟ ଅଟେ ଏବଂ ତାହା ହିଁ ୱଜୁ ଅଟେ ଓ ତାହା ହିଁ ନିର୍ମଳତା ବା ସ୍ୱଚ୍ଛତା ଅଟେ । ହୁଜୁର ଅ.ସ କହିଲେ: ଇସ୍‌ଲାମ୍ ଧର୍ମରେ ଅବିଶ୍ୱାସକାରିତା, ନୂତନ ଆହୃତ ରୀତି, ସନ୍ନ୍ୟାସୀତ୍ୱ, ଶିର୍କ, କପଟବିଶ୍ୱାସ ଆଦି କୁସଂସ୍କାର ଏହିପରି ଭାବରେ ଆସିଛି। ଅର୍ଥାତ୍ ଯେଭଳି ସମ୍ମାନ ଓ ମର୍ଯ୍ୟାଦା ଐଶୀବାଣୀ ଅର୍ଥାତ ପବିତ୍ର କୁରଆନ୍ କରୀମକୁ ଦିଆଯାଇ ଥାଆନ୍ତା ତାହା ନହୋଇ ସେହିଭଳି ସମ୍ମାନ ଓ ମର୍ଯ୍ୟାଦା ଅନ୍ୟ ବ୍ୟକ୍ତି ବିଶେଷକୁ ପ୍ରଦାନ କରାଗଲା । ସେଇଥି ପାଇଁ ସାହାବାମାନେ ଆହଦିସ୍‌କୁ ପବିତ୍ର କୁରଆନ୍ କରୀମ୍ ଠାରୁ ନିକୃଷ୍ଟ ଓ ନିମ୍ନ ସ୍ତରର ବୋଲି ସ୍ୱୀକାର କରୁଥିଲେ । ହୁଜୁର ଅ.ସ କୁହନ୍ତି: ଏକଦା ହ. ଉମର୍ ର.ଅ କୌଣସି ବିଚାର ସଂପର୍କରେ ନିର୍ଣ୍ଣୟ କରିବାକୁ ଲାଗିଲେ ସେତେବେଳେ ଜନୈକା ବୃଦ୍ଧା ଛିଡ଼ା ହୋଇ କହିଲା, ହେ ଅମୀରୁଲ୍ ମୁମିନିନ୍ ! ହଦିସ୍‌ରେ ତ' ଏହା ଉଲ୍ଲେଖ ରହିଛି ଅର୍ଥାତ ଉକ୍ତ ହଦିସ୍‌ଟି ଆଁହଜରତ ସ.ଅଙ୍କ ଠାରୁ ବର୍ଣ୍ଣିତ ହୋଇଛି । ତେଣୁ ଏକଥା ମନେରଖ ! ଯେ, ହଦିସ୍‌ଗୁଡ଼କ ପରବର୍ତ୍ତୀ ସମୟରେ ଏକତ୍ରିତ ହୋଇଛି । କିନ୍ତୁ ବେଳେବେଳେ କେତେକ ସାହାବାମାନେ ହଦିସ୍‌ଗୁଡ଼ିକୁ ଲେଖି ନେଉଥିଲେ। ଏକଦା ହ. ଉମର୍ ର.ଅଙ୍କୁ କୌଣସ ପ୍ରସଙ୍ଗରେ ନିର୍ଣ୍ଣୟ ଦେବାକୁ ଲାଗିଲେ, ସେତେବେଳେ ଜଣେ ବୃଦ୍ଧା ମହିଳା କହିବାକୁ ଲାଗିଲା, ହେ ଅମୀରୁଲ୍ ମୁମିନିନ୍ ! ହଦିସ୍‌ରେ ତ' ଅମକ କଥା ଉଲ୍ଲେଖ ରହିଛି । କିନ୍ତୁ ଆପଣ ର.ଅ କହିଲେ, ଜଣେ ବୃଦ୍ଧା ମହିଳା ପାଇଁ ମୁଁ ଈଶ୍ୱରଙ୍କ ଦ୍ୱାରା ଅବତୀର୍ଣ୍ଣ ହୋଇଥିବା ଗ୍ରନ୍ଥକୁ ପରିତ୍ୟାଗ ଓ ପରିବର୍ତ୍ତ କରିପାରିବି ନାହିଁ । **(ମଲ୍‌ଫୁଜାତ୍, ଭାଗ-6, ପୃ-266-267, ପ୍ରକାଶନ ବର୍ଷ-1984 ମସିହା)**

ଉକ୍ତ ବର୍ଣ୍ଣନାଟି ଏକ ମହିଳାର ଅଟେ ଯିଏ ଏପରି କହୁଛି । କିନ୍ତୁ ଅଲ୍ଲାଃତାଲାଙ୍କ ବାଣୀ ତ' ଏହାର ସଂପୂର୍ଣ୍ଣ ବିପରୀତ ଅଟେ । ଅଲ୍ଲାଃତାଲାଙ୍କ ବାଣୀ ଯାହା କହିଥାଏ ତାହା ହିଁ ବାସ୍ତବ ଅଟେ । ଆମମାନଙ୍କୁ ଏହି ବାସ୍ତବତାକୁ ଅବଲମ୍ବନ କରିବା ଉଚିତ । ତେଣୁ ଆମମାନଙ୍କୁ ଏହାକୁ (ପବିତ୍ର କୁରଆନ୍ କରୀମ୍‌କୁ) ହିଁ ଅବଲମ୍ବନ କରିବା ଉଚିତ୍ । ଆପଣ ଅ.ସ କହିଲେ, ଆମମାନଙ୍କୁ ଏହି ବାସ୍ତବତାକୁ ଅବଲମ୍ବନ କରିବା ଉଚିତ । ଯଦି ଏହିପରି ହେଉ ନାହିଁ ତେବେ ବିଦ୍‌ଅତ୍ (ନୂତନ ଆହୃତ ରୀତି) ବ୍ୟାପିବାର ଯଥେଷ୍ଟ ସମ୍ଭବାନା ରହିଛି । ସମ୍ପ୍ରତି ମୁସଲମାନମାନଙ୍କ ମଧ୍ୟରେ ବିଦ୍‌ଆତ୍ ପରିବ୍ୟାପ୍ତ ହେବାର ମୁଖ୍ୟ କାରଣ ହେଉଛି ଯେ, ସେମାନେ ପବିତ୍ର କୁରଆନ୍ ଉପରେ ଆଦୌ କାର୍ଯ୍ୟାନୁସରଣ କରୁ ନାହାନ୍ତି । ଫଳତଃ ଏହି ବିଦ୍‌ଆତ୍ ହିଁ ମୁସଲମାନମାନଙ୍କୁ ପବିତ୍ର କୁରଆନ୍‌ର ପ୍ରକୃତ ଶିକ୍ଷା ଠାରୁ ଦୂରେଇ ଦେଇଛି । ହ. ମସିହା ମଉଦ୍ ଅ.ସ କିହଲେ, ଶିୟା ବିଦ୍ୱାନ୍ ଜଣକ ତାଙ୍କ ପିତାଶ୍ରୀଙ୍କୁ ଏପରି ଏକ ବାକ୍ୟ କହିବା ଯେ, ଆପଣ ଏହି ବାକ୍ୟକୁ ପାଠ କରନିଅନ୍ତୁ ଓ ଏହାପରେ ଆଉ କୌଣସି ୱଜୁ କିମ୍ବା ନିର୍ମଳ ତଥା ସ୍ୱଚ୍ଛତାର ଆବଶ୍ୟକତା ପଡ଼ିବ ନାହିଁ । ଅଧିକାଂଶ ସାଧାରଣ ମୁସଲମାନମାନେ ନିରକ୍ଷର ଅଟନ୍ତି । ନାମକୁ ମାତ୍ର ବିଦ୍ୱାନ୍‌ମାନେ ମୁସଲମାନମାନଙ୍କୁ ଯେଉଁ ମାର୍ଗ ଆଡ଼କୁ ନେଇ ଯାଉଛନ୍ତି ସେହି ମାର୍ଗରେ ସେମାନେ ଅଗ୍ରସର ହୁଅନ୍ତି । ଫଳତଃ ସେମାନଙ୍କ ମଧ୍ୟରେ ବିଦଆତ୍ ସ୍ଥାନ ପାଇଥାଏ । କିନ୍ତୁ ଏସବୁ ସତ୍ତ୍ୱେ ଆମ ଅହେମଦିମାନଙ୍କ ଉପରେ ଯେଉଁ ଆରୋପ ଲଗାଯାଏ ଯେ, ଆମେମାନେ କୁଆଡ଼େ ପବିତ୍ର କୁରଆନ୍‌କୁ ପରିବର୍ତ୍ତନ କରୁଛୁ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମୁସଲମାନମାନେ ଯେପର୍ଯ୍ୟନ୍ତ କୁରଆନ୍‌ର ସଂପୂର୍ଣ୍ଣ ରୂପେ ଅନୁକରଣ କରି ନେଇ ନାହାନ୍ତି ସେପର୍ଯ୍ୟନ୍ତ କୌଣସି ପ୍ରକାରର ଉନ୍ନତି ପ୍ରାପ୍ତ କରିପାରିବେ ନାହିଁ । ପବିତ୍ର କୁରଆନ୍ କରୀମ୍ ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ହିଁ ଉନ୍ନତି ଓ ମାର୍ଗଦର୍ଶନର ମାର୍ଗ ପ୍ରଶସ୍ତ ହୋଇଥାଏ । ଅଲ୍ଲାଃତାଲା ବାଣିଜ୍ୟ ବ୍ୟବସାୟ, କୃଷି ଓ ବୈଧ ବୃତ୍ତି ଅବଲମ୍ବନ କରିବାକୁ ବାରଣ କରନ୍ତି ନାହିଁ । କିନ୍ତୁ ଏହାକୁ ବ୍ୟକ୍ତିବିଶେଷର ପରମ ଅଭିପ୍ରାୟ ବୋଲି ବିବେଚିତ କରା ନଯାଉ । ବରଂ ଏହାକୁ ସେବକ ରୂପେ ରଖିବା ଉଚିତ୍ । ଜକାତ୍‌ର ଏହା ଉଦ୍ଦେଶ୍ୟ ଯେ, ତାହା ଧର୍ମର ସେବକ ହୋଇଯାଉ ।" **(ମଲ୍‌ଫୁଜାତ୍, ଭାଗ-8, ପୃ-29-30, ପ୍ରକାଶନ ବର୍ଷ-1984 ମସିହା)**

ସୁତରାଂ ଜଣେ ବିଶ୍ୱାସକାରୀକୁ ନିଜ ଜୀବନର ଅଭିପ୍ରାୟ କେବଳ ସଂସାର ଅର୍ଜନ କରିବା ଉଚିତ୍ ନୁହଁ । ବରଂ ଅଲ୍ଲାଃତାଲା ମନୁଷ୍ୟ ଜନ୍ମର ଯେଉଁ ଅଭିପ୍ରାୟ ଦର୍ଶାଇଛନ୍ତି ଯେ, ମନୁଷ୍ୟ ପ୍ରଭୁଙ୍କର ପ୍ରକୃତ ଉପାସକ ହୋଇ ରହୁ, ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେବା, ତାହାଙ୍କୁ ସନ୍ଧାନ କରିବା ଉଚିତ୍ । ଜକାତ୍ ଏବଂ ଅଲ୍ଲାଃତାଲାଙ୍କ ମାର୍ଗରେ ପ୍ରିୟ ଧନକୁ ବ୍ୟୟ କରିବାର ଆଦେଶ ଏଇଥିପାଇଁ ଦିଆଯାଇଛି ଯେ, ସେହି ଧନ କେବଳ ନିଜର ଅଭିଳାଷା, ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ଉଦ୍ଦିଷ୍ଟ ନହେଉ । ବରଂ ଏହାକୁ ଧର୍ମର ଉନ୍ନତି, ଈଶ୍ୱରଙ୍କ ଅଧିକାର ଓ ଭକ୍ତଙ୍କର ଅଧିକାର ସମ୍ପାଦନ କରିବା ନିମନ୍ତେ ବ୍ୟୟ କରାଯାଉ ।

ଆପଣ ଅ.ସ ପୁନଶ୍ଚ କୁହନ୍ତି: ପବିତ୍ର କୁରଆନ୍ ହେଉଛି ରତ୍ନ ମାଣିକ୍ୟର ଏକ ଥଳୀ ବା ଗନ୍ତାଘର । ଲୋକମାନେ ତହିଁରୁ ଅବଚେତନ ଅଟନ୍ତି । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଲୋକମାନେ ଉତ୍ସାହ, ଆଗ୍ରହ, ଆସ୍ପୃହା ଏବଂ ଉଦ୍ଦୀପନାର ସହିତ କୁରଆନ୍ ପ୍ରତି ଧ୍ୟାନ ଦେଉ ନାହାନ୍ତି । ଯେପରିକି ଜଣେ ସାଂସାରିକ ବ୍ୟକ୍ତି ନିଜ ସଂସାରିକତା ଉପରେ କିମ୍ବା ଜଣେ କବି ନିଜର କବିତାବଳୀ ଉପରେ ବିଚାରେ କରିଥାଏ ଠିକ୍ ସେହିପରି ଲୋକମାନେ ପବିତ୍ର କୁରଆନ୍ କରୀମ୍ ଉପରେ ଧ୍ୟାନ ଦେଉ ନାହାନ୍ତି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ବଟାଲାରେ ଜଣେ କବି ରହୁଥିଲା। ତା'ର ଜଣେ ଦିୱାନ (ଉଚ୍ଚ ପଦସ୍ଥ ଅଧିକାରୀ) ଥିଲା । ଏକଦା ସେ ଏକ ଫାର୍ସି ପଂକ୍ତି କହିଲା;

"صباشرمندہ مے گردد بہ روئے گل نگہ کردن"

ଅର୍ଥାତ ସବା ପୁଷ୍ପର ମୁଖମଣ୍ଡଳ ଉପରେ ଦୃଷ୍ଟି ପକାଇବା ଫଳରେ ଲଜ୍ଜିତ ହୋଇଥାଏ । "କିନ୍ତୁ ଦ୍ୱିତୀୟ ପଂକ୍ତିର ସନ୍ଧାନରେ ନିରନ୍ତର 6 ମାସ ଏଣେତେଣେ ଘୂରି ବୁଲୁଥିଲି ।" ସନ୍ଧାନ କରୁଥିଲି, ଚିନ୍ତା କରୁଥିଲି । ପରିଶେଷରେ ଦିନେ ଏକ ବଜାରର ଦୋକାନ ବସ୍ତ୍ର କ୍ରୟ କରିବା ସକାଶେ ଗଲି । ବସ୍ତ୍ର ବିକ୍ରେତା ଜଣକ ମୋତେ ଥାନରୁ ଅନେକ କପଡ଼ା ବା ବସ୍ତ୍ର କାଢି ଦେଖାଇଲା କିନ୍ତୁ ମୋତେ କୌଣସି ବସ୍ତ୍ର ପସନ୍ଦ ଆସିଲା ନାହିଁ । ପରିଶେଷରେ କିଛି ନକିଣି (କ୍ରୟ କରି) ଯେତେବେଳେ ଛିଡ଼ା ହୋଇପଡ଼ିଲି ସେତେବେଳେ କପଡ଼ା ବିକ୍ରେତା ଦୋକାନୀ ଜଣକ କ୍ଷୁବ୍ଧ ହୋଇ କହିଲା, ତୁମେ ମୋତେ ଏତେ ଥାନ କପଡ଼ାର ଖୋଲିବାକୁ କହିଲ ମୁଁ ଖୋଲିଲି କିନ୍ତୁ ତୁମେ ମୋତେ ଅଯଥାରେ ଏତେ କଷ୍ଟ ଦେଲ । ପ୍ରତ୍ୟୁତ୍ତରରେ ଦ୍ୱିତୀୟ ପଂକ୍ତି ମୁଣ୍ଡକୁ ଢୁକିଲା ଏବଂ ନିଜର କବିତା ଏହିପରି ପୂର୍ଣ୍ଣ କଲି-

صبا شرمندہ مے گردد بروئے گل نگہ کردن
کہ گردخت غنچہ راوا کردونتوانست تہ کردن

ଅର୍ଥାତ୍ ସବା ପୁଷ୍ପ (ଫୁଲ)ର ମୁଖକୁ ଦେଖିବା ଫଳରେ ଲଜ୍ଜିତ ହେବାକୁ ପଡ଼ିଥାଏ । କାରଣ ସେ କଳୀକାର ବସ୍ତ୍ରକୁ ଖୋଲିଦେଲା । କିନ୍ତୁ ତାହାକୁ ସାଉଁଟି ପାରିଲା ନାହିଁ । ଆପଣ ଅ.ସ କୁହନ୍ତି: "ଯେଭଳି ଭାବରେ ସେହି କବି ଜଣକ ଏକ ପଂକ୍ତି ପାଇଁ ପରିଶ୍ରମ କରିଛି" "ସେହିଭଳି ପରିଶ୍ରମ ବର୍ତ୍ତମାନ ଲୋକମାନେ ଏକ ପବିତ୍ର କୁରଆନୀୟ ଆୟତ୍‌କୁ ବୁଝିବା ପାଇଁ କରୁ ନାହାନ୍ତି ।" ହ. ମସିହ୍ ମଉ୍ଦ ଅ.ସ କୁହନ୍ତି: "ପବିତ୍ର କୁରଆନ୍ ରତ୍ନ ମାଣିକ୍ୟର ଥଳୀ ଅଟେ ଓ ଲୋକମାନେ ତହିଁ ଅବଚେତନ ଅଟନ୍ତି ।" **(ମଲ୍‌ଫୁଜାତ୍, ଭାଗ-2, ପୃ344-343, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: ଯେଭଳି ରହସ୍ୟ ତଥା ଭେଦ ଓ ଇଙ୍ଗିତ ପବିତ୍ର କୁରଆନ୍ କରୀମ୍‌ରେ ରହିଛି ସେପରି ରହସ୍ୟ ତଥା ଭେଦ ଓ ଇଙ୍ଗିତ ତୌରାତ୍ ଓ ଇଞ୍ଜିଲ୍‌ରେ କାହିଁ ? ଅର୍ଥାତ ଦୁର୍ଲଭ ଅଟେ । ପୁନଶ୍ଚ ପବିତ୍ର କୁରଆନ୍ କରୀମ ସମସ୍ତ ପ୍ରସଙ୍ଗକୁ କେବଳ ଦାବି ସ୍ୱରୂପ ଉପସ୍ଥାପିତ କରେ ନାହିଁ ଯେପରି ଇଞ୍ଜିଲ୍ ଓ ତୌରାତ୍ ଉପସ୍ଥାପିତ କରିଛନ୍ତି । ବରଂ ପବିତ୍ର କୁରଆନ୍ କରୀମ୍ ନିଜ ମଧ୍ୟରେ ପ୍ରାମାଣ୍ୟ ସ୍ୱରୂପ ଅନ୍ତର୍ନିହତ କରି ରଖିଥାଏ । ଅର୍ଥାସତ ପ୍ରମାଣ ଉପସ୍ଥାପିତ କରିବାର ସମାର୍ଥ୍ୟ ନିଜ ମଧ୍ୟରେ ରଖିଛି । ପବିତ୍ର କୁରଆନ୍ କରୀମ୍ ଏପରି କୌଣସି ଦାବି ଉପସ୍ଥାପିତ କରେ ନାହିଁ ଯେପରି ଦାବି ଇଞ୍ଜିଲ୍ ଓ ତୌରାତ୍ ଉପସ୍ଥାପିତ କରେ । ବରଂ ପବିତ୍ର କୁରଆନ୍ କରୀମ୍ ପ୍ରମାଣକୁ ସାବ୍ୟସ୍ତ କରିବାର ପ୍ରାମାଣ୍ୟ ରୂପ ନିଜ ମଧ୍ୟରେ ରଖେ । ପବିତ୍ର କୁର୍‌ଆନ୍ କରୀମ୍ ଏପରି କୌଣସି

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ପ୍ରସଙ୍ଗ ଉପସ୍ଥାପିତ କରେ ନାହିଁ ଯାହାକି ବଳିଷ୍ଠ ହୋଇ ନଥିବ । ଯେପରି ପବିତ୍ର କୁରଆନ୍ କରୀମ୍ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ସାବଲୀଳ ଭାଷା ଓ ବର୍ଣ୍ଣନାନାତ୍ମକ ଭାଷାଗତ ଶୈଳୀ ନିଜ ମଧ୍ୟରେ ଆକର୍ଷଣ କରିବା, ଶୋଷିତ କରିବା ଶକ୍ତି ବା ବ୍ରହ୍ମଲୀନତ୍ୱ ଶକ୍ତି  ନିଜ ମଧ୍ୟରେ ରଖିଥାଏ । ପବିତ୍ର କୁରଆନ୍ କରୀମ୍ ଯେପରି ନିଜ ଶିକ୍ଷାରେ  ଔଚିତ୍ୟତା, ଉତ୍ତମତା ଓ ଆକର୍ଷଣ କରିବାର ଶକ୍ତି ରହିଛି ଠିକ୍ ସେହିପରି ତା'ର ପ୍ରମାଣଗୁଡ଼ିକ ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଅଟେ । **(ମଲ୍‌ଫୁଜାତ୍, ଭାଗ-3, ପୃ-243-244, ପ୍ରକାଶନ ବର୍ଷ-1984 ମସିହା)**

ସୁତରାଂ ଅନ୍ୟ କୌଣସି ଧର୍ମଗ୍ରନ୍ଥ ପବିତ୍ର କୁରଆନ୍ କରୀମ୍‌ର ମୁକାବିଲା କରିପାରିବ ନାହିଁ । ଏହା ଆଗକୁ ଆପଣ ଅ.ସ ବର୍ଣ୍ଣନା କରି କୁହନ୍ତି ଯେ, ଯେପରି ପବିତ୍ର କୁରଆନ୍ କରୀମ୍ ସମସ୍ତ ଧର୍ମଗ୍ରନ୍ଥମାନଙ୍କ ଠାରୁ ଶ୍ରେଷ୍ଠ । ଠିକ୍ ସେହିପରି ଆଁହଜରତ ସ.ଅଙ୍କର ମର୍ଯ୍ୟାଦା ମଧ୍ୟ ସମସ୍ତ ଅବତାରମାନଙ୍କ ତୁଳନାରେ ଅଧିକ ମର୍ଯ୍ୟାଦାଜନକ ଓ ଶ୍ରୟେସ୍କର ଅଟେ । **(ମଲ୍‌ଫୁଜାତ୍, ଭାଗ-3, ପୃ-244, ପ୍ରକାଶନ ବର୍ଷ-1984 ମସିହା)**

ସୁତରାଂ ତୁମେମାନେ ଯେତେବେଳେ ପବିତ୍ର କୁରଆନ୍ ପାଠ କର ଏବଂ କୌଣସି ପ୍ରସଙ୍ଗ ତହିଁରେ ଅବଲୋକନ କର ସେତେବେଳେ ତୁମେ ସେହିଠାରେ ହିଁ ତା'ର ପ୍ରମାଣ ମଧ୍ୟ ସନ୍ଧାନ କରିବାକୁ ଚେଷ୍ଟା କର । ଆପଣ ଅ.ସ ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ବିଶେଷତାର ଚର୍ଚ୍ଚା କରି କୁହନ୍ତି, ଏକଥା ମନେରଖିବା ଉଚିତ ! ଆମେମାନେ ସେହି କୁରଆନ୍ ଉପସ୍ଥାପିତ କରୁ ଯେଉଁ କୁରଆନ୍‌କୁ ଦେଖି ଯାଦୁବିଦ୍ୟାର ଫସର ଫାଟି ଯାଇଥାଏ । ପବିତ୍ର କୁରଆନ୍ ସମ୍ମୁଖରେ ଅନ୍ୟ କୌଣସି ମିଥ୍ୟା ଓ ଇନ୍ଦ୍ରଜାଲ ତିଷ୍ଠି ପାରିବ ନାହିଁ । କୁରଆନ୍ ହେଉଛି ସେହି ଅସ୍ତ୍ର ଯେଉଁ ଅସ୍ତ୍ର ବିପକ୍ଷରେ କୌଣସି ମିଥ୍ୟା ତଥା ଅସତ୍ୟ ତିଷ୍ଠିବାକୁ ସାହାସ ମଧ୍ୟ କରିବ ନାହିଁ । ଏହା ହେଉଛି ଆକାଶୀୟ ଅସ୍ତ୍ର ଯାହା କେବେବି ଦାଢହୀନ ହୋଇପାରିବ ନାହିଁ । **(ମଲ୍‌ଫୁଜାତ୍, ଭାଗ-5, ପୃ-27, ପ୍ରକାଶନ ବର୍ଷ-1984 ମସିହା)**

ଅତଏବ୍ ଉପରୋକ୍ତ କଥାଗୁଡ଼ିକ ଆମମାନଙ୍କୁ ଏହି ଆଡ଼କୁ ମଧ୍ୟ ଧ୍ୟାନ ଆକର୍ଷିତ କରିଥାଏ ଯେ, ଆମେମାନେ ପବିତ୍ର କୁରଆନ୍ କରୀମ୍ ଉପରେ ଅଧିକରୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଉଚିତ । କାରଣ ଆମେମାନେ ନିଜର ଆଧ୍ୟାତ୍ମିକ ଏବଂ ଜ୍ଞାନଭିତ୍ତିକ ଅବସ୍ଥାକୁ ଉତ୍କୃଷ୍ଟରୁ ଉତ୍କୃଷ୍ଟତର କରିବାର ଆବଶ୍ୟକତା ରହିଛି । ଫଳତଃ ଆମେମାନେ ବିରୋଧୀମାନଙ୍କର ବିରୋଧକୁ ଖଣ୍ଡନ କରିବାରେ ସଫଳ ହୋଇପାରିବୁ ।

ଯଦି ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣ ରୂପେ ଆଜ୍ଞା ପାଳନ କରାଯାଏ ଓ ପବିତ୍ର କୁରଆନ୍ କରୀମ୍‌ର ଅନୁକରଣତ୍ୱ ଫଳରେ ଈଶ୍ୱର ପ୍ରାପ୍ତ ହୋଇଥାଆନ୍ତି। ଉକ୍ତ ପ୍ରସଙ୍ଗକୁ ବର୍ଣ୍ଣନା କରିବାକୁ ଯାଇ ଆପଣ ଅ.ସ କୁହନ୍ତି: "ମୋର କେବଳ ଗୋଟିଏ ବାର୍ତ୍ତାବହ ଓ କେବଳ ଗୋଟିଏ ପବିତ୍ର କୁରଆନ୍ କରୀମ୍ ରହିଛି ଯାହା ସେହି ବାର୍ତ୍ତାବହଙ୍କ ଉପରେ ଅବତୀର୍ଣ୍ଣ ହୋଇଛି ଏବଂ ଯାହାଙ୍କୁ ଅନୁକରଣ କରି ଓ ଯେଉଁ ଧର୍ମଗ୍ରନ୍ଥର ଆଦେଶାବଳୀକୁ ପାଳନ କରିବା ଫଳରେ ଆମେମାନେ ଈଶ୍ୱରଙ୍କୁ ପ୍ରାପ୍ତ କରିପାରିବା । ଆଜିକାଲି ଅଭାବିମାନଙ୍କ ଦ୍ୱାରା ଆହୃତ ପନ୍ଥା ଓ ସନ୍ଥମାନଙ୍କ ମୃତ୍ୟୁ ପରେ ସେମାନଙ୍କ ସିଂହାସନରେ ଅଭିଷିକ୍ତ ଅନ୍ୟ ବ୍ୟକ୍ତି ବା ସାଧୁମାନଙ୍କର ସୈଫିୟାଁ (ସୈଫି କୁହନ୍ତି ମନ୍ତ୍ର କିମ୍ବା ଓଜିଫା ବା ଅଭିଚାର ଯାହା ଶତ୍ରୁର କ୍ଷତି ବା ମରଣ ଅନ୍ତେ 40 ଦିନ ପର୍ଯ୍ୟନ୍ତ ଅହରହ ପାଠ କରାଯାଏ)" । ଆପଣ ଅ.ସ କୁହନ୍ତି: ଏହି ଅଭିଚାରମୂଳକ ମନ୍ତ୍ର, ଦୁରୁଦ୍ ଆଦି ସମସ୍ତ ପ୍ରସଙ୍ଗ ମନୁଷ୍ୟକୁ ସତ୍‌ମାର୍ଗରୁ ବିପଥଗାମୀ କରାଇବାର ମାଧ୍ୟମ ଅଟେ । ତେଣୁ ତୁମେମାନେ ତହିଁରୁ ନିବୃତ୍ତ ରୁହ । ସେହି ଲୋକମାନେ ଆଁହଜରତ ସ.ଅଙ୍କ ଖାତମୁଲ୍ ଅମ୍ବିୟାର (ନବୀ ଶିରୋମଣି) ହେବାର ମୋହର (Seal) ଭାଙ୍ଗିବାକୁ ଚେଷ୍ଟା କଲେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ସେମାନେ ଅନ୍ୟ ଏକ ଧର୍ମ ବିଧାନ ଗଢିନେଇଛନ୍ତି । ତୁମେମାନେ ମନେରଖ ଯେ, ପବିତ୍ର କୁର୍‌ଆନ୍ କରୀମ୍ ଓ ଆଁହଜରତ ସ.ଅଙ୍କର ଆଦେଶାବଳୀର ଆଜ୍ଞାପାଳନ ଓ ନମାଜ, ରୋଜା ଇତ୍ୟାଦି ଯେଉଁ  ଚିରାଚରିତ ପ୍ରଥା ବା ପରମ୍ପରା ରହିଛି ତାହା ବ୍ୟତୀତ ଅଲ୍ଲାଃତାଲାଙ୍କ କୃପା ଓ କଲ୍ୟାଣର ମାର୍ଗ ଉନ୍ମୁକ୍ତ କରିବା ଅନ୍ୟ କୌଣସି କୁଞ୍ଜିକା ନାହିଁ । ମାର୍ଗଚ୍ୟୁତ ହେଉଛି ସେହି ବ୍ୟକ୍ତି ଯିଏ ଉପରୋକ୍ତ ପଥକୁ ପରିତ୍ୟାଗ କରି ଅନ୍ୟ ଏକ ମାର୍ଗରେ ବାହାରିପଡ଼େ ବା ଅଗ୍ରସର ହୁଏ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ପାଳନ କରେ ନାହିଁ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହଙ୍କ ମୁଖ ନିସୃତ ବାଣୀକୁ ଅନୁକରଣ ତଥା ପାଳନ ନକରି ଅନ୍ୟ ମାର୍ଗ ସନ୍ଧାନ କରିବାକୁ ଉଦ୍ୟମ କରେ ତେବେ ସେହି ବ୍ୟକ୍ତି ଅକୃତ୍ୟକାର୍ଯ୍ୟ ହୋଇ ମୃତ୍ୟୁବରଣ କରିବ । **(ମଲ୍‌ଫୁଜାତ୍, ଭାଗ-3, ପୃ-244, ପ୍ରକାଶନ ବର୍ଷ-1984 ମସିହା) (ଜାହାଙ୍ଗୀର ଉର୍ଦ୍ଦୁ ଲୁଗାତ୍, ପୃ-923 ଜାହାଙ୍ଗୀର୍ ବୁକ୍‌ସ୍, ଲାହୋର)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପବିତ୍ର କୁରଆନ୍ ହେଉଛି ଏକ ସମ୍ମାନଯୋଗ୍ୟ ଓ ସମ୍ମାନାସ୍ପଦ ଧର୍ମଗ୍ରନ୍ଥ । ଏହି ଗ୍ରନ୍ଥ ଜାତିମାନଙ୍କ ମଧ୍ୟରେ ସନ୍ଧିର ମୂଳଦୁଆ ସ୍ଥାପନ କଲା ଏବଂ ପ୍ରତ୍ୟେକ ଜାତିର ଲୋକମାନେ ଅବତାରମାନଙ୍କୁ ସ୍ୱୀକାର କରିନେଲେ । ସମସ୍ତ ସଂସାରରେ ଏହି ଗୌରବ କେବଳ ପବିତ୍ର କୁରଆନ୍‌କୁ ହିଁ ପ୍ରାପ୍ତ ହୋଇଛି ଯିଏ ଏହି ଶିକ୍ଷା ଦେଇଅଛି ଯେ, لَا نُفَرِّقُ بَيْنَ اَحَدٍ مِّنْهُمْ وَنَحْنُ لَهٗ مُسْلِمُوْنَ **(ଆଲେ ଇମ୍ରାନ୍:85)** ଅର୍ଥାତ ହେ ମୁସଲମାନମାନେ ! ତୁମେମାନେ ଏହା କୁହ ଯେ, ଆମେମାନେ ସଂସାରର ସମସ୍ତ ଅବତାରମାନଙ୍କ ଉପରେ ବିଶ୍ୱାସ ଆଣୁଛେ ଏବଂ ସେମାନଙ୍କ ମଧ୍ୟରେ କୌଣସି ପୃଥକତା ତଥା ପାର୍ଥକ୍ୟତା ସୃଷ୍ଟି କରୁ ନାହୁଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, କେତେକ ଅବତାରମାନଙ୍କୁ ଆମେମାନେ ସ୍ୱୀକାର କରୁଛେ ତ' ଆଉ କେତେକ ଅବତାରମାନଙ୍କୁ ଆମେମାନେ ପ୍ରତ୍ୟାଖ୍ୟାନ କରୁଛେ ତାହା ନୁହେଁ । ବରଂ ଆପଣ ଅ.ସ ଚ୍ୟାଲେଞ୍ଜେ ଦେଇ କହିଲେ, ଭୂପୃଷ୍ଠରେ ଯଦି ଏହିଭଳି କୌଣସି ପୁସ୍ତକ ରହିଛି ତେବେ ତା'ର ନାଁ ଉପସ୍ଥାପିତ କର । **(ପୈଗାମେ ସୁଲାହ୍, ରୁହାନୀ ଖଜାଏନ୍, ଭାଗ-23, ପୃ-459)**

ପବିତ୍ର କୁରଆନ୍ କରୀମ୍‌ର ଗୁଣାବଳୀ ମଧ୍ୟରୁ ଅନ୍ୟତମ ଗୁଣାବଳୀ ଏହା ଯେ, ପବିତ୍ର କୁରଆନ୍ କରୀମ୍‌ରେ ପ୍ରକାଶ୍ୟ କ୍ରମିକତାର ବ୍ୟବସ୍ଥା କରାଯାଇଛି। ତତ୍‌ସଂପର୍କରେ ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ପ୍ରକାଶ୍ୟଗତ କ୍ରମିକତାର ବ୍ୟବସ୍ଥା କରିଥାଏ ବା ଅବ୍ୟାହତ ରଖିଥାଏ । ପବିତ୍ର କୁରଆନ୍ କରୀମ୍‌ର ଉଚ୍ଚଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀର ଏକ ବୃହତ୍ ଅଂଶ ତତ୍‌ସହିତ ଜଡ଼ିତ ଅଟେ । ସେହି କାରଣରୁ ଏହି କ୍ରମିକତାକୁ ଧ୍ୟାନ ରଖିବା ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷା ତଥା ବର୍ଣ୍ଣନାତ୍ମକ ଶୈଳୀ ମଧ୍ୟରୁ କେବଳ ଅନ୍ୟମତ ତାହା ନୁହେଁ ବରଂ ସର୍ବୋଚ୍ଚ ସ୍ତରୀୟ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀ ଏହା ହିଁ ଯାହାକି ବ୍ରହ୍ମଜ୍ଞାନ ଶୈଳୀ ନିଜ ମଧ୍ୟରେ ନିହିତ ରଖିଥାଏ । ଯେଉଁ ବ୍ୟକ୍ତିର କଥନରେ କ୍ରମିକତା ନଥାଏ କିମ୍ବା ସ୍ୱଳ୍ପ କ୍ରମିକତା ଥାଏ ତେବେ ସେହିଭଳି ବ୍ୟକ୍ତିକୁ ଆମେମାନେ କଦାପି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀ ବୋଲି କହିପାରିବା ନାହିଁ ।" ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଏଭଳି ଏକ ପ୍ରସଙ୍ଗ ଯାହା ସଂପର୍କରେ ବର୍ଣ୍ଣନା କରୁଥିବା ବ୍ୟକ୍ତି ସଠିକ୍ ସ୍ଥାନରେ ଥିବା ଉଚିତ୍ ଏବଂ କଥାଗୁଡ଼ିକ ସଂପୂର୍ଣ୍ଣ ରୂପେ ସେହି ବିଷୟବସ୍ତୁକୁ ଆବଦ୍ଧିତ ତଥା ଆବେଷ୍ଟିତ କରିପାରୁଥିବା ମଧ୍ୟ ହେବା ଉଚିତ୍ । ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀରେ ଏଭଳି ସୁସୁନ୍ଦର ଶବ୍ଦ ବ୍ୟବହାର କରାଯାଉ ଯାହା ସୁନ୍ଦର ଅର୍ଥ ମଧ୍ୟ ବର୍ଣ୍ଣନା କରିବାକୁ ସକ୍ଷମ ହୋଇପାରିବ ଏବଂ ଶବ୍ଦ ସଂଯୋଜନା ତଥା କ୍ରମିକତା ମଧ୍ୟ ତହିଁରେ ରହିବା ଉଚିତ୍ । ସୁତରାଂ ଆପଣ ଅ.ସ କୁହନ୍ତି:  ଏହିପରି ବ୍ୟକ୍ତିକୁ ମୁଁ କଦାପି ଜଣେ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ବୟକ୍ତିକ ଶୈଳୀ ବୋଲି କହିପାରିବି ନାହିଁ । ବରଂ ଯଦି କୌଣସି ବ୍ୟକ୍ତି ମାତ୍ରାଧିକ କ୍ରମିକତାକୁ ଉଠାଇ ଦିଏ (ଅର୍ଥାତ ବ୍ୟବହାର କରେ ନାହିଁ) ତେବେ ସେ ଅବଶ୍ୟ ଉନ୍ମତ୍ତ ଓ ପାଗଳ ହୋଇଥାଏ । କାରଣ  ଯେଉଁ ବ୍ୟକ୍ତିର ଭାଷଣ ସୁବ୍ୟବସ୍ଥିତ ତଥା ଶୃଙ୍ଖଳିତ ନୁହେଁ ତେବେ ତାହାର ଚୈତନ୍ୟବସ୍ଥା ମଧ୍ୟ ସୁବବ୍ୟସ୍ଥିତ ଓ ଶୃଙ୍ଖଳିତ ନୁହେଁ । ଯଦି ତହିଁରେ କ୍ରମିକତା ନାହିଁ, ତହିଁରେ କୌଣସି ସମ୍ବନ୍ଧ ଏବଂ ସଂପର୍କ ଦେଖାବିକା ମିଳୁ ନାହିଁ ତାହାହେଲେ ଏହାର ଅର୍ଥ ସେହି ବ୍ୟକ୍ତି ଉନ୍ମତ୍ତ ଓ ପାଗଳ ଅଟେ । ଏହା କିପରି ସମ୍ଭବ ହୋଇପାରିବ ଯେ, ପ୍ରଭୁଙ୍କର ସେହି ଅଲୌକିକ ବାଣୀ ଯାହାକି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ:  Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ:  Sarwar Khan & Family, Jamat Ahmadiya Kerang, Darul Fazal (Odisha)

ଭାଷାଗତ ଶୈଳୀ ଯିଏ ଏହି ଦାବି କରି ସକଳ ପ୍ରକାରର ସତ୍ୟତା ପାଇଁ ଆମନ୍ତ୍ରିତ କରେ କିମ୍ବା ଚମତ୍କାରିକ ବାଣୀ ସେହି ଆବଶ୍ୟକୀୟ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀର ଅଂଶରୁ ନିକୃଷ୍ଟତର ହୋଇଥାଏ ତେବେ ତହିଁରେ କ୍ରମିକତା ଦେଖିବାକୁ ମିଳେ ନାହିଁ । **(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଭାଗ-15, ପୃ-457-456, ବି.ଦ୍ର)**

ଯେପରି କେତେକ ଆପତ୍ତିକାରୀମାନେ ପବିତ୍ର କୁରଆନ୍ କରୀମ୍ ଉପେରେ ଆପତ୍ତି କରନ୍ତି ଯେ, ଏହା ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀ ନୁହେଁ ଓ ତହିଁରେ କ୍ରମିକତା ନାହିଁ । ସୁତରାଂ ଉକ୍ତ ଆପତ୍ତିର ଉତ୍ତର ପ୍ରଦାନ କରି ଆପଣ ଅ.ସ କୁହନ୍ତି: ପବିତ୍ର କୁରଆନ୍ କରୀମ୍ ପ୍ରଭୁଙ୍କର ବାଣୀ ଅଟେ ଓ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀ ଦ୍ୱାରା ପରିପୂର୍ଣ୍ଣ ଅଟେ । ଏହା କଦାପି ସମ୍ଭବପର ନୁହେଁ ଯେ, ତହିଁରେ କ୍ରମିକତା ନାହିଁ । ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଦୁଇଟି ଚମତ୍କାରର ଚର୍ଚ୍ଚା କରି କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣିସ ଆକାଶୀୟ ଆଲୋକ ପ୍ରାପ୍ତ କରିବାର ପନ୍ଥା ବିଦ୍ୟମାନ ନାହିଁ । 1- ଅତଃ ଉକ୍ତ ଅଭିପ୍ରାୟ ରଖି ପ୍ରଭୁ ସତ୍ୟ ଓ ଅସତ୍ୟ ମଧ୍ୟରେ ସବୁଦିନ ପାଇଁ ଏକ ପାର୍ଥକ୍ୟଗତ ନିଦର୍ଶନ ବଜାୟ ରହୁ ଏବଂ ଅସତ୍ୟ କୌଣସି ଯୁଗରେ ସତ୍ୟର ମୁକାବିଲା କରି ନପାରୁ । 2- ଉମ୍ମତେ ମୁହମ୍ମଦିୟା (ଆଁହଜରତ ସ.ଅଙ୍କ ମୁସଲମାନ ଧର୍ମାବଲମ୍ବୀ ସଂପ୍ରଦାୟ)କୁ ଶେଷ ଯୁଗ ପର୍ଯ୍ୟନ୍ତ ଏହି ଦୁଇଟି ଭବ୍ୟ ଚମତ୍କାର ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ର ବାଣୀଗତ, ଲିଖନଗତ ଅପୂର୍ବ ତଥା ଅଲୌକିକ ଚମତ୍କାର ଏବଂ ପବିତ୍ର କୁରଆନ୍ କରୀମ୍‌ର ଚମତ୍କାରିକ ପ୍ରଭାବ ପ୍ରଦାନ କରିଛନ୍ତି । ଅର୍ଥାତ ପବିତ୍ର କୁରଆନ୍ କରୀମ୍‌ର ଗୋଟିଏ ଚମତ୍କାର ହେଲା ବାଣୀଗତ ବା ଲିଖନଗତ ବର୍ଣ୍ଣନାତ୍ମକ ଚମତ୍କାରିକତା ଓ ଅନ୍ୟଟି ହେଉଛି ସେହି ବାଣୀର ଚମତ୍କାରିତ ପ୍ରଭାବ। ଏହି ଦୁଇଟି ଚମତ୍କାର ରହିଛି । ଯାହାଙ୍କ ବିପକ୍ଷରେ ମୁକାବିଲା କରିବା ଫଳରେ ଅସତ୍‌ଧର୍ମ ପ୍ରାରମ୍ଭିକ କାଳରୁ ହିଁ ବିବଶ ଓ ନିର୍ବଳ ହୋଇ ଆସୁଛନ୍ତି । ଯଦି ପବିତ୍ର କୁରଆନ୍ କରୀମ କେବଳ ଚମତ୍କାରିକ ବାଣୀର ଚମତ୍କାର ହୋଇଥାଆନ୍ତା ଓ ଚମତ୍କୃତ ପ୍ରଭାବ ଚମତ୍କାର ହୋଇ ନଥାଆନ୍ତା ତେବେ ଉମ୍ମତେ ମରହୁମା (ସ୍ୱର୍ଗୀୟ) ମୁହମ୍ମଦିୟାକୁ ନିଦର୍ଶନ, ଲକ୍ଷଣ ଓ ବିଶ୍ୱାସର ଆଲୋକରେ କ'ଣଟା ଅଭିବୃଦ୍ଧ ହୋଇଥାଆନ୍ତା। କାରଣ ବ୍ରହ୍ମଚାରୀ, ସନ୍ନ୍ୟାସୀ ବ୍ୟକ୍ତିଙ୍କୁ ସଂଯମତାମୂଳକ ଚମତ୍କାରର ସୀମା ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ । ତେଣୁ ପବିତ୍ର କୁରଆନ୍ କରୀମ୍‌କୁ ଯଦି ପ୍ରକୃତ ତଥା ବାସ୍ତବିକ ରୂପେ ଆପଣାଇ ନିଆଯାଏ ତେବେ ଏହି ଶିକ୍ଷାର ମଧ୍ୟ ପ୍ରଭାବ ମନୁଷ୍ୟ ଉପରେ ପଡ଼ିଥାଏ" । **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-293-292, ଅତିରିକ୍ତ ବି.ଦ୍ରର ବି.ଦ୍ର ସଂଖ୍ୟା1)**

ଆପଣ ଅ.ସ ପୁନଶ୍ଚ କୁହନ୍ତି, ପବିତ୍ର କୁରଆନ୍ କରୀମ୍ ଯାହାକି ଆଁହଜରତ ସ.ଅଙ୍କର ଅନୁକରଣତ୍ୱର ମୂଳାଧାର ଅଟେ । ତାହା ଏଭଳି ଏକ ଧର୍ମଗ୍ରନ୍ଥ ଯାହାର ଆଦେଶାବଳୀର ଆଜ୍ଞାପାଳନ ଫଳରେ ଇହକାଳରେ ହିଁ ମୋକ୍ଷ ପ୍ରାପ୍ତିର ଲକ୍ଷଣମାନ ପ୍ରକାଶ୍ୟ ହୋଇଯାଇଥାଏ । କାରଣ ଏହା ହିଁ ସେହି ଧର୍ମଗ୍ରନ୍ଥ ଯାହାକି ଉଭୟ ଶୈଳୀ ଅନୁଯାୟୀ ଅର୍ଥାତ ପ୍ରକାଶ୍ୟ ଓ ଅପ୍ରକାଶ୍ୟ (ଆଭ୍ୟନ୍ତରୀଣ ବା ଅନ୍ତରୀଣ)ଶୈଳୀ ମାଧ୍ୟମରେ ଅପୂର୍ଣ୍ଣ ଆତ୍ମିକ ଅବସ୍ଥାକୁ ପୂର୍ଣ୍ଣତ୍ୱ ଅବସ୍ଥା ପର୍ଯ୍ୟନ୍ତ ପହଞ୍ଚାଇଥାଏ ଏବଂ ସମସ୍ତ ସଂଶୟ ଓ ସନ୍ଦେହରୁ ମୁକ୍ତି ପ୍ରଦାନ କରିଥାଏ ।" ଯେଉଁ ଲୋକମାନଙ୍କ ମଧ୍ୟରେ ଅପୂର୍ଣ୍ଣ ଆତ୍ମିକ ଅବସ୍ଥା ରହିଛି ଯେ, ସେମାନଙ୍କ କ୍ଷେତ୍ରରେ ନ୍ୟୁନତା ଓ ଦୁର୍ବଳତା ଦେଖା ଦେଇଥାଏ । ସେମାନଙ୍କର ଏତାଦୃଶ ନ୍ୟୁନତା, ଦୁର୍ବଳତାକୁ ପବିତ୍ର କୁରଆନ୍ କରୀମ୍ କେବଳ ଦୂରୀଭୂତ କରି ନଥାଏ ବରଂ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ମଧ୍ୟ ପହଞ୍ଚାଇ ଦେଇଥାଏ । ଅର୍ଥାତ୍ ପ୍ରକାଶ୍ୟଗତ ଶୈଳୀ ଅନୁଯାୟୀ ଏହିପରି ଯେ, ପବିତ୍ର କୁରାନ୍ କରୀମ୍‌ର ବର୍ଣ୍ଣନା ଏପରି ସଂପୂର୍ଣ୍ଣ ସାରସତ୍ୱମୂଳକ ଗୂଢତ୍ୱ ଓ ସତ୍ୟତାମୂଳକ ଯେପରି ସଂସାରରେ ଅନେକ ସନ୍ଦେହ ଓ ସଂଶୟ ଦେଖିବାକୁ ମିଳେ ତାହା ମନୁଷ୍ୟକୁ ପ୍ରଭୁଙ୍କ ପର୍ଯ୍ୟନ୍ତ ପହଞ୍ଚିବାରୁ ରୋକିଥାଏ ତଥା ବାଧକ ସାଜିଥାଏ । ତନ୍ମଧ୍ୟରେ ଅନେକ ମିଥ୍ୟାବାଦୀ ସଂପ୍ରଦାୟ ବ୍ୟାପୁଛନ୍ତି ଓ ଶତାଧିକ ପ୍ରକାରର ମିଥ୍ୟାମୂଳକ ଚିନ୍ତାଧାର ମାର୍ଗଚ୍ୟୁତ ଲୋକମାନଙ୍କ ହୃଦୟରେ ବସା ବାନ୍ଧୁଛି । ସେହି ସମସ୍ତ ସଂଶୟ ଓ ଆଶଙ୍କାର ଖଣ୍ଡନ ଏବଂ ଉତ୍ତର ଔଚିତ୍ୟତା ତଥା ଶିଷ୍ଟତା ରୂପେ ପବିତ୍ର କୁରଆନ୍‌ରେ ମହଜୁଦ୍ ରହିଛି । ପବିତ୍ର କୁରଆନ୍ କରୀମ୍ ଏଭଳି ସ୍ପଷ୍ଟ ରୂପେ ପ୍ରମାଣ ଓ ସତ୍ୟତା ଉପସ୍ଥାପିତ କରିଥାଏ ଯେ, ସମସ୍ତ ସଂଶୟ ଓ ସନ୍ଦେହକୁ ଦୂରୀଭୂତ କରିଦେଇଥାଏ । ପବିତ୍ର କୁରଆନ୍ କରୀମ୍‌କୁ ବୁଝିବାକୁ ବୁଝାଇବାକୁ ହେଲେ ପବିତ୍ର କୁରଆନ୍ କରୀମ୍‌ର ବାଣୀରୁ ଲାଭାନ୍ୱିତ ହେବା ସର୍ତ୍ତ ରହିଛି । ସାଂପ୍ରତିକ ଯୁଗରେ ଯେଉଁ ସତ୍ୟଭିତ୍ତିକ ତଥା ପୂର୍ଣ୍ଣାତ୍ମକ ଶିକ୍ଷାର ଆବଶ୍ୟକତା ରହିଛି ତାହାସବୁ ଦିବାକର ପରି (ସୂର୍ଯ୍ୟ ପରି) ପବିତ୍ର କୁରଆନ୍ ମଧ୍ୟରେ ଆଲୋକିତ ହେଉଅଛି । ସାଂପ୍ରତିକ କାଳରେ ଯେଉଁ ଅନ୍ଧକାର ବ୍ୟାପୁଛି, ଧର୍ମ ଠାରୁ ଯେଉଁ ଦୂରତ୍ୱ ରହିଛି, ନିର୍ଲଜ୍ଜତା ରହିଛି, ବାଯ୍ୟ କଥା ରହିଛି ଓ ଈଶ୍ୱରଙ୍କ ଠାରୁ ଯେଉଁ ଦୂରତା ରହିଛି ସେହି ସମସ୍ତ ଅନ୍ଧକାରକୁ ଦୂରୀଭୂତ କରିବା ନିମନ୍ତେ ଓ ଆଲୋକ ପ୍ରାପ୍ତ କରିବା ନିମନ୍ତେ ପବିତ୍ର କୁରଆନ୍ କରୀମ୍ ଆଡ଼କୁ ଫେରିଯାଅ । କାରଣ ପବିତ୍ର କୁରଆନ୍ କରୀମ୍‌ରେ ସବୁକିଛି ଉପଲବ୍ଧ ରହିଛି ।

ହୁଜୁର ଅ.ସ କହିଲେ, ଏହି ସମସ୍ତ ଲକ୍ଷଣ, ନିଦର୍ଶନ ସୂର୍ଯ୍ୟାଲୋକ ପରି ଆଲୋକିତ ହେଉଅଛି । ସୂର୍ଯ୍ୟ ପରି ଜାଜ୍ୱଲ୍ୟମାନ ଅଟେ । ତହିଁରେ (ପବିତ୍ର କୁରଆନ୍‌ରେ) ସମସ୍ତ ଆତ୍ମିକ ରୋଗବ୍ୟାଧି ଜନିତ ଉପଚାର ଉଲ୍ଲିଖିତ ଅଟେ ଏବଂ ସମସ୍ତ ସତ୍ୟତାମୂଳକ ପରିଚୟର ବର୍ଣ୍ଣନା ଭର୍ତ୍ତି ହୋଇ ରହିଛି । ପବିତ୍ର କୁରଆନ୍ କରୀମ୍‌ରେ ଏପରି କୌଣସି ଐଶୀ ଗୂଢ ତତ୍ତ୍ୱମୂଳକ ଜ୍ଞାନ ନାହିଁ ଯାହା ଭବିଷ୍ୟରେ କୌଣସି ମୁହୂର୍ତ୍ତରେ ପ୍ରକାଶିତ ହୋଇପାରିବ ନାହିଁ ଏବଂ ଯାହାକି ପରିସରଭୁକ୍ତ ହୋଇ ନଥିବ । ଆଭ୍ୟନ୍ତରୀଣ ଶୈଳୀ ଅନୁଯାୟୀ ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣ ଅନୁକରଣତ୍ୱ ତଥା ଆଜ୍ଞାକାରୀତ୍ୱ ହୃଦୟକୁ ଏହିପରି ପରିଷ୍କାର ଓ ପରିଚ୍ଛନ୍ନ କରିଦଇଥାଏ । ସୁତରାଂ ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣ ଆଜ୍ଞାକାରୀତ୍ୱତାର ଏହା ହିଁ ସର୍ତ୍ତ ରହିଛି । ପୂର୍ଣ୍ଣ ଆଜ୍ଞାକାରୀତ୍ୱତା ଏହା ସ୍ପଷ୍ଟ କରି ଦେଇଥାଏ ଯେ, ମନୁଷ୍ୟ ଅନ୍ତରୀଣ ମଳୀନତା ଓ କଳୁଷତା ଠାରୁ ସଂପୂର୍ଣ୍ଣ ରୂପେ ପବିତ୍ର ହୋଇ ନିଜର ପରମାତ୍ମାଙ୍କୁ ସାକ୍ଷାତ୍ କରି ନେଇଥାଏ ।" ପ୍ରଭୁଙ୍କ ସହିତ ଏକ ସଂପର୍କ ସ୍ଥାପିତ ହୋଇଯାଇଥାଏ । ସ୍ୱୀକୃତମୂଳକ ଆଲୋକ ଉକ୍ତ ବ୍ୟକ୍ତି ଉପରେ ପଡ଼ିବାକୁ ଆରମ୍ଭ ହୋଇଥାଏ ଏବଂ ପ୍ରଭୁଙ୍କର କୃପା ତଥା ଅନୁଗ୍ରହତା ଉକ୍ତ ଭକ୍ତକୁ ଆବେଷ୍ଟିତ କରିନେଇଥାଏ । କାରଣ ଭକ୍ତ ବା ବ୍ୟକ୍ତି ଯେତେବେଳେ ସମସ୍ୟା ସମସୟରେ ଦୁଆ (ପ୍ରାର୍ଥନା) କରିଥାଏ ସେତେବେଳେ ଉକ୍ତ ବ୍ୟକ୍ତି ଉପରେ ପ୍ରଭୁଙ୍କ ପୂର୍ଣ୍ଣ ଦୟା, ଅନୁଗ୍ରହତା ଓ କୃପା ଅବତୀର୍ଣ୍ଣ ହୋଇଥାଏ । ପ୍ରଭୁ ଦୟା, କୃପା ମାଧ୍ୟମରେ ବ୍ୟକ୍ତିର ପ୍ରାର୍ଥନାକୁ ସ୍ୱୀକାର କରି ଉତ୍ତର ପ୍ରଦାନ କରିଥାଆନ୍ତି ଏବଂ ବେଳେବେଳେ ଏଭିଳି ସଂଯୋଗ ଘଟିଥାଏ ଯେ, ଯଦି ଉକ୍ତ ବ୍ୟକ୍ତି ହଜାର ଥର ନିଜ ସମସ୍ୟା ଓ ଜଞ୍ଜାଳ ତଥା ଦୁଃଖ ସମୟରେ ତାହାଙ୍କୁ ପ୍ରଶ୍ନ କରେ ତେବେ ହଜାରରୁ ଉର୍ଦ୍ଧ୍ୱ ଥର ନିଜ ପ୍ରିୟ ପରମେଶ୍ୱରଙ୍କ ପକ୍ଷରୁ ଅତ୍ୟନ୍ତ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ମିଷ୍ଟ ଭାଷା ଏବଂ କଲ୍ୟାଣମୂଳକ ବାଣୀରେ ପ୍ରେମଭରା ଉତ୍ତର ପାଇଥାଏ ଏବଂ ଐଶ୍ୱରିକ ବାଣୀ ବୃଷ୍ଟି ଆକାରର ତା' ଉପରେ ପାତ (ବରଷିଥାଏ) ହୋଇଥାଏ । ସେ ନିଜ ହୃଦୟରେ ପ୍ରଭୁଙ୍କ ପ୍ରେମକୁ ଏପରି ପରିପୂର୍ଣ୍ଣ ଥିବାର ପାଇଥାଏ । ଯେପରିକି ଏକ ସ୍ୱଚ୍ଛ ପରିଷ୍କାର କାଚ ବୋତଲରେ ଏକ ସୁଗନ୍ଧିତ ଅତର ପୂର୍ଣ୍ଣ ହୋଇ ରହିଥାଏ ଏବଂ ପ୍ରେମ ତଥା ଅଭିରୁଚିର ଏଭଳି ପବିତ୍ର ସ୍ୱାଦ ତାହାକୁ ପ୍ରଦାନ କରାଯାଇଥାଏ ଯାହାକି ତା'ର କଠିନରୁ କଠିନ ଆତ୍ମିକ (ଯୌନ ଲାଳସାର) ବେଢୀକୁ ଭାଙ୍ଗି ସେହି ଧୂମ୍ର ସ୍ଥାନରୁ ବାହାରକୁ କାଢି ଅର୍ଥାତ ଦୂଷିତ ବାୟୁ ଏବଂ ଅପରିଷ୍କୃତ ବାୟୁ ବା ଧୂଆଁରୁ ବାହାରକୁ ବାହାରି ପରମ ପ୍ରିୟଙ୍କର ଶୀତଳ ଓ ଶାନ୍ତିଦାୟକ ବାୟୁ ଠାରୁ ତା'କୁ ପ୍ରତ୍ୟେକ ସମୟ ଓ ପ୍ରତ୍ୟେକ ମୁହୂର୍ତ୍ତ ସତେଜତମ ଜୀବନ ପ୍ରଦାନ କରିଥାଏ ।

**(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-349-345ର ଅବଶିଷ୍ଟ ବି.ଦ୍ରର ବି.ଦ୍ର ସଂଖ୍ୟା-2)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ପବିତ୍ର କୁରଆନ୍ କରୀମ ନିଃସନ୍ଦେହ ରୂପେ ଏକ ଚୂଡ଼ାନ୍ତ ଓ ଅକାଟ୍ୟ ଐଶୀବାଣୀ ସମ୍ବଳିତ ଧର୍ମଗ୍ରନ୍ଥ ଅଟେ । ଏହି ଧର୍ମଗ୍ରନ୍ତ


### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)



### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାହତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫଂକତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 2-9 NOVEMBER 2023 Issue No.-44-45

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଯାହାକି କିତାବୁଲ୍ଲାଃ (ପ୍ରଭୁଙ୍କ ଦ୍ୱାରା ଅବତୀର୍ଣ୍ଣ ଗ୍ରନ୍ଥ) ଅଟେ । ନିଃସନ୍ଦେହ ରୂପେ ଏହାଠୁ ବଳି ଆମ ନିକଟରେ ଅନ୍ୟ କୌଣସି ଚୂଡ଼ାନ୍ତ, ଅକାଟ୍ୟ ବାଣୀ ନାହିଁ । ଏହା ହେଉଛି ପ୍ରଭୁଙ୍କ ଦ୍ୱାରା ଅବତୀର୍ଣ୍ଣ ହୋଇଥିବା ବାଣୀ । ଏହା ସନ୍ଦେହ ଓ ସଂଶୟମୂଳକ ମଳିନତା ଠାରୁ ପବିତ୍ର ଅଟେ ।" **(ବଟାଲୱୀ ୱ ଚକଡ଼ାଲୱୀ ସହିତ ସହିତ ମୁବାହିସାର ରିଭ୍ୟୁ, ରୁହାନୀ ଖଜାଏନ୍, ଭାଗ-19, ପୃ-209)**

ପବିତ୍ର କୁରଆନ୍ କରୀମ ସମଗ୍ର ସଂସାରର ଜାତିମାନଙ୍କୁ ଏକତ୍ରିତ କରିବା ନିମନ୍ତେ ଆସିଛି । ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କହୁନ୍ତି: "ଅଲ୍ଲାଃତାଲା ପ୍ରଥମେ ପ୍ରତ୍ୟେକ ଧର୍ମକୁ କାର୍ଯ୍ୟ ପ୍ରଣାଳୀ ଅନୁଯାୟୀ ଭିନ୍ନ ଭିନ୍ନ ରୂପେ ପ୍ରେରଣ କରି ଏହା ଚାହିଁଲେ ଯେ, ସେ ଯେପରି ଏକ ଓ ଅଦ୍ୱିତୀୟ ଅଟନ୍ତି ଠିକ୍ ସେହିପରି ମାନବଜାତି ମଧ୍ୟ ଏକ ହୋଇଯାଉ । ଅତଃ ସମସ୍ତଙ୍କୁ ଏକତ୍ରିତ କରିବା ନିମନ୍ତେ ପବିତ୍ର କୁରଆନ୍ କରୀମ୍‌କୁ ଅଲ୍ଲାଃତାଲା ପ୍ରେରଣ କଲେ ଓ ସୂଚନା ଦେଲେ ଯେ, ଏମିତି ଏକ ଯୁଗର ଆସିବ ଯେ, ଈଶ୍ୱର ସମସ୍ତ ଜାତି ଓ ସମସ୍ତ ଧର୍ମାବଲମ୍ବୀମାନଙ୍କୁ ଗୋଟିଏ ଜାତି ରେ ପରିଣତ କରିଦେବେ ଏବଂ ସମସ୍ତ ଦେଶମାନଙ୍କୁ ଗୋଟିଏ ଦେଶରେ ପରିଣତ କରିଦେବେ ଏବଂ ସମସ୍ତ ଭାଷାକୁ ଗୋଟିଏ ଭାଷାରେ ପରିଣତ କରିଦେବେ ।" **(ନସିମେ ଦାୱତ୍, ରୁହାନୀ ଖଜାଏନ୍, ଭାଗ19-, ପୃ-428)**

ଲୋକମାନେ କୁହନ୍ତି ଯେ, ବିଭିନ୍ନ ଧର୍ମ ଏହି ଧରାପୃଷ୍ଠରେ କାହିଁକି ସୃଷ୍ଟି ହେଲା? ଏହାର ଉତ୍ତର ଏହିକି ଯେ, ସେହି ସମୟ ପର୍ଯ୍ୟନ୍ତ ସେହି  ଲୋକମାନଙ୍କର ବୁଦ୍ଧି ଏବଂ ବିବେକ ତଥା ଯେଉଁ ସମ୍ବଳ ରହିଥିଲା ତାହା ଏତିକି ଥିଲା ଯାହାକି ନିଜ ଯୁଗରେ ସୀମିତ ଅଟନ୍ତି । ପୂର୍ବ କାଳରେ ଅବତାରମାନେ ପୃଥକ ପୃଥକ ଭାବରେ ପ୍ରେରିତ ହୋଇଥିଲେ । ବର୍ତ୍ତମାନ ଏଭଳି ଏକ ଯୁଗର ଆଗମନ ଘଟିଛି ଯେ, ଯେତେବେଳେ ସମସ୍ତେ ଏକତ୍ରିତ ହୋଇପାରିବେ ତେଣୁ ଏକ ପୂର୍ଣ୍ଣ ଧର୍ମବିଧାନ ସମ୍ବଳିତ ଧର୍ମଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନ୍ କରୀମ ରୂପେ ଆମମାନଙ୍କ ନିକଟକୁ ଅଲ୍ଲାଃତାଲା ପ୍ରେରଣ କରିଦେଲେ ଏବଂ କହିଲେ ଯେ, ସମସ୍ତ ରାଷ୍ଟ୍ରକୁ ଏକ ରାଷ୍ଟ୍ରରେ ପରିଣିତ କରିଦେବେ ଏବଂ ସମସ୍ତ ଭାଷାକୁ ଗୋଟିଏ ଭାଷାରେ ପରିଣତ କରିଦେବେ । ଆଜି ସଂସାରରେ ଗ୍ଲୋବାଲ୍ ଭିଲେଜ (ଜଗତୀକରଣ)ର ଏକ ପରିଭାଷା ବ୍ୟବହୃତ ହେଉଛି । ଅର୍ଥାତ ପୃଥିବୀ ଆଜି ଏକ ହୋଇଯାଇଛି, ଗୋଟିଏ ଗ୍ରାମ ଓ ଗୋଟିଏ ସହରରେ ପରିଣତ ହୋଇଯାଇଛି । ସେ ଯାହା ହେଉ ପବିତ୍ର କୁରଆନ୍ କରୀମ୍ ହିଁ ସେହି ବାଣୀ ଯିଏ ସଂସାରରେ ଭିନ୍ନ ଭାଷା ବ୍ୟବହୃତ ଓ ଭିନ୍ନ ବୋଲି ପ୍ରୟୋଗ ହେବା ସତ୍ତ୍ୱେ ମଧ୍ୟ ପାଠ କରାଯାଇଥାଏ। କିନ୍ତୁ ସଂସାରରେ ଯେଉଁଠି ମୁସଲମାନମାନେ ଥାଆନ୍ତୁ ନା କାହିଁକି, ଯେଉଁ ସଂପ୍ରଦାୟରେ ମଧ୍ୟ ଥାଆନ୍ତୁ ନା କାହିଁକି ସେମାନେ  ଏହି ଧର୍ମଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନ୍ କରୀମ୍‌କୁ ମୂଳ ଭାଷା ଅର୍ଥାତ ଆରବୀ ଭାଷାରେ ହିଁ ପାଠ କରିଥଆନ୍ତି । ମୁସଲମାନମାନେ ପାଞ୍ଚବେଳା ନମାଜରେ ମଧ୍ୟ ଏହି ଭାଷାକୁ ପ୍ରୟୋଗ କରିଥଆନ୍ତି ।

ପବିତ୍ର କୁରଆନ୍ କରୀମ୍‌ର ପୂର୍ବ ଧର୍ମଗ୍ରନ୍ଥମାନଙ୍କ ଉପରେ ଏବଂ ଅବତାରମାନଙ୍କ ଉପରେ ଏକ ମହୋପାକର ରହିଛି । ଉକ୍ତ ପ୍ରସଙ୍ଗକୁ  ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: ପବିତ୍ର କୁରଆନ୍ କରୀମ୍‌ର ପୂର୍ବ ଧର୍ମଗ୍ରନ୍ଥମାନଙ୍କ ଉପରେ ଏବଂ ଅବତାରମାନଙ୍କ ଉପରେ ଏହି ମହୋପକାର ରହିଛି ଯେ, ପୂର୍ବ ଧର୍ମଗ୍ରନ୍ଥମାନଙ୍କରେ ସେମାନଙ୍କର ଶିକ୍ଷା ଯାହାକି ଗଳ୍ପ ବା କାହାଣୀ ଆକାରରେ ଥିଲା ତାହାକୁ ପବିତ୍ର କୁରଆନ୍ ଜ୍ଞାନାତ୍ମକ ରଙ୍ଗ ଦେଇ ଦେଇଅଛି । ମୁଁ ସତ ସତ କହୁଛି ଯେ, ଯେପର୍ଯ୍ୟନ୍ତ ବ୍ୟକ୍ତି ପବିତ୍ର କୁରଆନ୍ କରୀମକୁ ପାଠ କରିନେଇ ନାହିଁ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ପବିତ୍ର କୁରଆନ୍ କରୀମର ଗଳ୍ପ ଏବଂ କାହାଣୀରୁ ମୁକ୍ତି ପ୍ରାପ୍ତ କରିପାରିବ ନାହିଁ । କାରଣ ପବିତ୍ର କୁରଆନ୍ କରୀମ୍‌ର ଏହି ମହାନତା ରହିଛି ଯେ, ତାହା اِنَّهٗ لَقَوۡلٌ فَصۡلٌ وَّمَا هُوَ بِالۡهَزۡلِ **(ଅତ୍ ତାରିକ୍: 14-15)** ପବିତ୍ର କୁରଆନ୍ କରୀମ୍ ନିକିତି, ତିରସ୍କୃତକର୍ତ୍ତା, ଆଲୋକ, ଆରୋଗ୍ୟ ପ୍ରଦାନକାରୀ ଓ ଅପାର ଦୟାର ସାଗର ଅଟେ । ଯେଉଁମାନେ ପବିତ୍ର କୁରଆନ୍ କରୀମ୍‌କୁ ପାଠ କରନ୍ତି ଏବଂ ଏହାକୁ ଗଳ୍ପ, କାହାଣୀ ବୋଲି ମନେକରନ୍ତି ତେବେ ସେମାନେ ପବିତ୍ର କୁରଆନ୍ କରୀମକୁ ପାଠ କରି ନାହାନ୍ତି ବରଂ ସେମାନେ ଏହାର ତିରସ୍କାର ଓ ଏହାକୁ ଅପମାନିତ ଏବଂ ତିରସ୍କୃତ କରିବା ପାଇଁ ଉଦ୍ୟମ କିରଛନ୍ତି । ଆମର ବିରୋଧୀ କାହିଁକି କାହିଁକି ଆମମାନଙ୍କ ପ୍ରତି ବିରୋଧ ପ୍ରଦର୍ଶନ କରିବାରେ ବ୍ୟଗ୍ରତା ତଥା ଶୀଘ୍ରତା ପ୍ରଦର୍ଶନ କରୁଛନ୍ତି ? ତାହା ଏଇଥିପାଇଁ ଯେ, ଅଲ୍ଲଃତାଲା ଯେପରି ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, ଏହା ସଂପୂର୍ଣ୍ଣ ଆଲୋକ, ବ୍ରହ୍ମଜ୍ଞାନ, ଚାତୁର୍ଯ୍ୟମୂଳକ ପରିଚୟ ଅଟେ । ଏହା ଦେଖାଇବା ପରିବର୍ତ୍ତେ ଆମେମାନେ ପବିତ୍ର କୁରଆନ୍ କରୀମ୍‌କୁ ଏକ ସାଧାରଣ ଗଳ୍ପ ଠାରୁ ଅଧିକ ମର୍ଯ୍ୟାଦା ପ୍ରଦାନ କରୁ ନାହୁଁ ବୋଲି ପ୍ରୟାସ କରୁଛେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ମୁଁ ଏହାକୁ କଦାପି ଗ୍ରହଣ କରିପାରିବି ନାହିଁ । ଅଲ୍ଲାଃତାଲା ମୋ ଉପରେ କୃପା କରି ଏହା ଉଦ୍‌ଘାଟିତ କରିଦେଇଛନ୍ତି ଯେ, ପବିତ୍ର କୁରାନ୍ କରୀମ ଏକ ଜୀବନ୍ତ ଓ ଜାଜ୍ୱଲ୍ୟମାନ ଧର୍ମଗ୍ରନ୍ଥ ଅଟେ । ତେଣୁ ଆମେମାନେ ସେମାନଙ୍କର (ବିରୋଧୀମାନଙ୍କର) ବିରୋଧକୁ କାହିଁକି ଭୃକ୍ଷେପ କରିବୁ ବା ? **(ମଲ୍‌ଫୁଜାତ୍, ଭାଗ-3, ପୃ-155, ପ୍ରକାଶନ ବର୍ଷ-1984 ମସିହା)**

ପବିତ୍ର କୁରାଆନ୍ କରୀମ୍‌ର ମାହାତ୍ମ୍ୟତା ସଂକ୍ରାନ୍ତରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍‌ର ବଳିଷ୍ଠ ପ୍ରମାଣ ମଧ୍ୟରୁ ଏକ ପ୍ରମାଣ ଏହା ଯେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି ପବିତ୍ର କୁରଆନ୍‌ରେ ଏଭଳି ମହାନୁଭବମୂଳକ ଭବ୍ୟ ଜ୍ଞାନ ବର୍ଣ୍ଣିତ ହୋଇଛି ଯେଉଁ ମାହାନୁଭବମୂଳକ ଜ୍ଞାନକୁ ତୌରାତ୍ ଓ ଇଞ୍ଜିଲ୍‌ରେ ଖୋଜିଲେ ମଧ୍ୟ ନିଜର ଶ୍ରମ ବୃଥା ଯିବ । କାରଣ ଅଲ୍ଲାଃତାଲାଙ୍କ ବାଣୀର ସୌନ୍ଦର୍ଯ୍ୟ ସଂକ୍ରାନ୍ତରେ ବଡ଼ ଓ ସାନ ବ୍ୟକ୍ତି ମଧ୍ୟ ନିଜ ନିଜ ବୁଦ୍ଧି ଅନୁଯାୟୀ ତହିଁରେ ଅଂଶଗ୍ରହଣ କରିପାରିବ । ଅର୍ଥାତ ଅବଗତ ହୋଇପାରିବେ।"**(ମଲ୍‌ଫୁଜାତ୍, ଭାଗ-4, ପୃ-381, ପ୍ରକାଶନ ବର୍ଷ-1984 ମସିହା)**

ଅତଏବ ପବିତ୍ର କୁରଆନ୍ କରୀମ୍‌ର ଅର୍ଥ ଉପରେ ବିଚାର କରିବା ପ୍ରତ୍ୟେକ ବ୍ୟକ୍ତିକୁ ଅଭ୍ୟାସ ପକାଇବା ଉଚିତ୍ । କାରଣ ଅଲ୍ଲାଃତାଲାଙ୍କ ପବିତ୍ର କୁରଆନ୍‌ରେ ପ୍ରାରମ୍ଭରୁ ଶେଷ ଯାଏ କରଣୀୟ ଓ ଅକରଣୀୟ ଅଦେଶାବଳୀର ବିସ୍ତୃତ ବିବରଣୀର ଉଲ୍ଲେଖ ରହିଛି ଏବଂ ନାନାପ୍ରକାରର ଶତାଧିକ ଆଦେଶାବଳୀ ସଂକ୍ରାନ୍ତରେ ଉକ୍ତ ଗ୍ରନ୍ଥ ବର୍ଣ୍ଣନା କରିଛି । **(ମଲ୍‌ଫୁଜାତ୍, ଭାଗ-8, ପୃ-374, ପ୍ରକାଶନ ବର୍ଷ-1984 ମସିହା)**

ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ଅତଏବ୍ କୁରଆନ୍‌କୁ ଆବୃତ୍ତି କଲାବେଳେ ଉପରୋକ୍ତ କରଣୀୟ ଓ ଅକରଣୀୟ ଆଦେଶାବଳୀଗୁଡ଼ିକୁ ସନ୍ଧାନ କରିବା ଉଚିତ ଏବଂ ସେଗୁଡ଼ିକୁ ନିଜ ଜୀବନର ଏକ ଅଭିନ୍ନ ଅଙ୍ଗ ରୂପେ ଗ୍ରହଣ କରିନେବା ଉଚିତ । ଏପରି କରିବା ଫଳରେ ଆମେମାନେ ଈଶ୍ୱରଙ୍କ ଦ୍ୱାରା ଅବତୀର୍ଣ୍ଣ ଗ୍ରନ୍ଥ ପବିତ୍ର କୁରଆନ୍‌ରୁ ଉପକୃତ ହୋଇପାରିବା । **(ମଲ୍‌ଫୁଜାତ୍, ଭାଗ-8, ପୃ-376, ପ୍ରକାଶନ ବର୍ଷ-1984 ମସିହା)**

ପବିତ୍ର କୁରଆନ୍ କରୀମ୍‌ର ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କରି ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ଏକଥା ଜାଣି ରଖିବା ଉଚିତ୍ ଯେ, ପବିତ୍ର କୁରଆନ୍ କରୀମ୍ ହେଉଛି ଏହିଭଳି ଏକ ବିଶ୍ୱାସିକ ଓ ଅକାଟ୍ୟ ଐଶୀବାଣୀ ଯହିଁରେ ମନୁଷ୍ୟର ବିନ୍ଦୁଟିଏ ମଧ୍ୟ ପ୍ରବେଶ ଘଟି ନାହିଁ । ପବିତ୍ର କୁରଆନ୍ କରୀମ୍ ନିଜସ୍ୱ ଅର୍ଥ ଓ ଶବ୍ଦକୁ ନେଇ ଅଲ୍ଲାଃତାଲାଙ୍କର ହିଁ ବାଣୀ ଅଟେ । ଇସ୍‌ଲାମ୍ ଧର୍ମର ଯେକୌଣସି ସଂପ୍ରଦାୟ ଓ ସଂପ୍ରଦାୟର ମତାବଲମ୍ବୀମାନେ ପବିତ୍ର କୁରଆନ୍ କରୀମ୍‌କୁ ନମାନିଲେ ଅନନ୍ୟୋପାୟ ଅଟନ୍ତି । ଅର୍ଥାତ ଏହି ପବିତ୍ର ଗ୍ରନ୍ଥକୁ ଗ୍ରହଣ କରିବା ବ୍ୟତୀତ ସେମାନଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ। ଏହାର ଗୋଟିଏ ଗୋଟିଏ ଆୟତ୍ ସର୍ବୋଚ୍ଚ ସ୍ତରୀୟ କ୍ରମିକତା ନିଜ ମଧ୍ୟରେ ନିହିତ ରଖିଛି। ଏହା وَحِیٌ مَتۡلُوٌّ ଅର୍ଥାତ ଏପରି ଐଶୀବାଣୀ ଯାହାକୁ ବାରମ୍ବାରତା ଭାବରେ ପାଠ କରାଯାଇଥାଏ । ଏହାର ପ୍ରତ୍ୟେକ ଅକ୍ଷର ଗଣ୍ୟ ହୋଇଛି । ଏହା ନିଜର ଚମତ୍କାରିକ ଗୁଣାବଳୀ ହେତୁ ପରିବର୍ତ୍ତନ୍ ଓ ବିନ୍ୟାସରୁ ମୁକ୍ତ ତଥା ସୁରକ୍ଷିତ ଅଟେ ।" **(ଇଜାଲା ଅଉହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-384)**

(ଅବଶିଷ୍ଟାଂଶ.....................................ପରବର୍ତ୍ତୀ ସଂଖ୍ୟାରେ)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan